CMYK

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 46, Issue No. 161
- Thursday, 10 September 2026
- ଗୁରୁବାର, ୧୦ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com


https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ବୈବାହିକ ଦୁଷ୍କର୍ମ: 'ସୁପ୍ରିମ'ଟିପ୍ପଣୀ

## ଶେଷ ହୁଏନି ପତ୍ନୀଙ୍କ ସହମତିର ଅଧିକାର

ନୂଆଦିଲ୍ଲୀ,୯।୯: ସ୍ୱାମୀଙ୍କ ଦ୍ୱାରା ତାଙ୍କ ସ୍ତ୍ରୀଙ୍କ ବିରୋଧରେ ସହମତିହୀନ ଯୌନ ସମ୍ପର୍କକୁ ବଳାତ୍କାରର ପରିଭାଷାରୁ ବାଦ୍ ଦେବା ଆଇନ ସାମ୍ବିଧାନିକ ଯାଞ୍ଚ ସହ୍ୟ କରିପାରିବ କି ନାହିଁ ତାହା ଯାଞ୍ଚ କରିବାକୁ ବୁଧବାର ସୁପ୍ରିମକୋର୍ଟ ରାଜି ହୋଇଛନ୍ତି। କୋର୍ଟ ଭାରତୀୟ ଦଣ୍ଡ ସଂହିତା (ଆଇପିଏସ) ଏବଂ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଉଭୟ ଅଧୀନରେ ବୈବାହିକ ବଳାତ୍କାର ବ୍ୟତିକ୍ରମ ପ୍ରତି ଚ୍ୟାଲେଞ୍ଜର ଶୁଣାଣି କରୁଛନ୍ତି। ଖଣ୍ଡପୀଠ ସୂଚିତ କରିଛନ୍ତି ଯେ ଏହି ମାମଲାରେ ନ୍ୟାୟିକ ବ୍ୟାଖ୍ୟାର



ସୀମା ବିଷୟରେ ଏକ ମୌଳିକ ପ୍ରଶ୍ନ ସାମିଲ ଅଛି। ସୁପ୍ରିମକୋର୍ଟ ବୈବାହିକ ବଳାତ୍କାର ବିତର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମ୍ମୁଖୀନ ହୋଇଥିଲେ: ବୈବାହିକ ବଳାତ୍କାର ବ୍ୟତିକ୍ରମ ସତ୍ତ୍ୱେ ସ୍ୱାମୀଙ୍କୁ ବଳାତ୍କାର ପାଇଁ ମାମଲା ରୁଜୁ କରାଯାଇପାରିବ କି? କୋର୍ଟ ପ୍ରଥମେ କର୍ଣ୍ଣାଟକର ଏକ ମାମଲାର ଶୁଣାଣି କରିବେ, ଯେଉଁଥିରେ ଜଣେ ପୁରୁଷ ତାଙ୍କ ପତ୍ନୀଙ୍କୁ 'ଯୌନ ଦାସୀ' ଭାବରେ ବ୍ୟବହାର କରୁଥିବା ଅଭିଯୋଗ ଆଣିଥିଲେ । ସୁପ୍ରିମକୋର୍ଟ ଟିପ୍ପଣୀ ରଖିଛନ୍ତି ଯେ ବିବାହ ପରେ ବି ଶେଷ ହୁଏନି ପତ୍ନୀଙ୍କ ସହମତିର ଅଧିକାର।ବିବାହର ଅର୍ଥ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାୟତ୍ତତାର ଅନ୍ତ ନୁହେଁ । ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର ପକ୍ଷ ରଖିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ୩ ସପ୍ତାହ ପରେ ହେବ।

### ଆବୁଧାବିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

## ଓଡ଼ିଶାକୁ ଆସିବ ବଡ଼ ନିବେଶ

- ବହୁ ଉଦ୍ୟୋଗପତିଙ୍କ ସହ କଲେ ଆଲୋଚନା
- ୨.୧୦ ଲକ୍ଷ କୋଟିର ପୁଞ୍ଜି ପ୍ରତିଶ୍ରୁତି

ଆବୁଧାବି/ଭୁବନେଶ୍ୱର,୯।୯: ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ର ଅଂଶ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ (ଆଇବିପିଜି) ଙ୍କ ସହ ଏକ ରାଉଣ୍ଡଟେବୁଲ୍ ଆଲୋଚନାରେ ଯୋଗଦେଇଥିଲେ। ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଏଥିରେ ଆଲୋଚନା ହୋଇଥିଲା। ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକଚରିଂ ଏବଂ ଦକ୍ଷ ମାନବ ସମ୍ବଳ ନିମନ୍ତେ ସୁଯୋଗ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରୁଚି, ଫାର୍ମ ବି, ବି ୱାନ , ଓରି କ୍ଲିନ୍ ଭଳି ଓଡ଼ିଶାଭିତ୍ତିକ କମ୍ପାନୀ ଏଥିରେ ଯୋଗଦେଇଥିଲେ। ଏଥିରେ ଆଇବିପିଜି ସଭାପତି ରାଜୀବ ଶାହା ମଧ୍ୟ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ଶାହ ଦୁଇ ଦେଶ ମଧ୍ୟରେ ଦୀର୍ଘମିଆଦୀ ବ୍ୟବସାୟିକ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶା ସରକାରଙ୍କ ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ରାଜ୍ୟର ନିବେଶ ଓ ରପ୍ତାନି ସମ୍ଭାବନାକୁ ନୂଆ ଦିଗ ଦେବ ବୋଲି ମନେ କରାଯାଉଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବହୁ ଉଦ୍ୟୋଗପତିଙ୍କ ସହ ଆଲୋଚନା କରିଥିଲେ। କେବଳ ବ୍ୟବସାୟ ନୁହେଁ, ୟୁଏଇର ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉଚ୍ଚଦକ୍ଷ ପେସାଦାର ଯୁବକ-ଯୁବତୀଙ୍କ ନିଯୁକ୍ତି ପାଇଁ ସଂଗଠିତ ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା



ହୋଇଛି। ଏହା ରାଜ୍ୟର ଦକ୍ଷ ମାନବ ସମ୍ପଦକୁ ଆନ୍ତର୍ଜାତିକ ବଜାର ସହ ଯୋଡ଼ିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଫଳରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ୟୁଏଇରୁ ୨.୧୦ ଲକ୍ଷ କୋଟିର ପୁଂଜି ଓଡ଼ିଶା ଆସିବାକୁ ପ୍ରତିଶ୍ରୁତି ମିଳିଥିବା ଏକ ସୂତ୍ରରୁ ପ୍ରକାଶ।

## ଖଡ଼ଗପୁର-ଝାରସୁଗୁଡ଼ା ଚତୁର୍ଥ ରେଳଲାଇନକୁ ମଞ୍ଜୁରି

### ୩ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁରି

ନୂଆଦିଲ୍ଲୀ,୯।୯: କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶର ୭ଟି ରେଲୱେ ପ୍ରୋଜେକ୍ଟକୁ ଫୋର୍ ଲେନ୍ କରିବା ନେଇ ମଞ୍ଜୁରି ମିଳିଛି । ଖଡ଼ଗପୁର-ଝାରସୁଗୁଡ଼ା (ବାଗଡ଼େହି) ଚତୁର୍ଥ ରେଳଲାଇନ୍ ସମେତ ରେଳ ମନ୍ତ୍ରଣାଳୟର ୩ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ବୁଧବାର ମଞ୍ଜୁର କରିଛି। ଏହି ୩ ପ୍ରକଳ୍ପ ପାଇଁ ମୋଟ ୧୦,୭୮୩ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଏହି ପ୍ରକଳ୍ପଗୁଡ଼ିକ ମଞ୍ଜୁର ହୋଇଛି। ୨୦୨୯-



୩୦ ସୁଦ୍ଧା ପ୍ରକଳ୍ପଗୁଡ଼ିକୁ ଶେଷ କରିବା ଲକ୍ଷ୍ୟ ରହିଛି । ଖଡ଼ଗପୁର-ଝାରସୁଗୁଡ଼ା (ବାଗଡ଼େହି) ଚତୁର୍ଥ ରେଳଲାଇନ୍ ଫଳରେ ମାଲ ପରିବହନରେ ଦକ୍ଷତା ବଢ଼ିବ ଓ ଶିଳ୍ପଗୁଡ଼ିକ ପାଇଁ ଲଜିଷ୍ଟିକ୍ସ ଖର୍ଚ୍ଚ କମିବାର ସୁଯୋଗ ସୃଷ୍ଟି ହେବ।୩ ପ୍ରକଳ୍ପରେ ୬୫୬ କିମି ନୂଆ ରେଳ ଲାଇନ୍ ଯୋଡ଼ିହେବ। କଟନୀ-ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍ ଓ ବିଳାସପୁର (ଉସଲାପୁର)-ପେଣ୍ଡ୍ରା ରୋଡ୍ ତୃତୀୟ ରେଳଲାଇନ୍ ମଧ୍ୟ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଓଡ଼ିଶା, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ୧୪ଟି ଜିଲ୍ଲା ଦେଇ ଯିବ। ଏହା ଦ୍ୱାରା ଭାରତୀୟ ରେଳ ନେଟୱର୍କ ପ୍ରାୟ ୬୫୬ କିମି ଲାଇନ ବଢ଼ିବ। ପ୍ରକଳ୍ପଗୁଡ଼ିକ ଦ୍ୱାରା ପ୍ରାୟ ୪,୭୯୦ଟି ଗାଁ ରେଳ ଯୋଗାଯୋଗରେ ଅଧିକ ସୁବିଧା ପାଇବ।

### ପାଇଖାନା ଟାଙ୍କି ସଫା ବେଳେ ଅଘଟଣ

## ଶ୍ୱାସରୁଦ୍ଧ ହୋଇ ୩ ମୃତ

ପଦ୍ମପୁର/ରାୟଗଡ଼ା, ୯।୯(ନି.ପ୍ର.): ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ତାରପାଗୁଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ନୂତନ ପାଇଖାନା ଟାଙ୍କି ସଫା କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ତିନି ଜଣଙ୍କର ଅକାଳ




ବିୟୋଗ ଘଟିଛି। ମୃତକଙ୍କ ମଧ୍ୟରେ ଦୁଇଜଣ ମିସ୍ତ୍ରୀ ଓ ଜଣେ ଦିନ ମଜୁରିଆ ଅଛନ୍ତି। ସମସ୍ତ ମୃତକ ପଦ୍ମପୁର ଥାନା କେନ୍ଦୁଗୁଡ଼ା ନିକଟସ୍ଥ ଜୀବଜଗତପୁର ଗ୍ରାମର ହରିଶ୍ଚନ୍ଦ୍ର ବୀର (୪୬), ପ୍ରକାଶ ଲିମା (୪୫) ଏବଂ ଆଲୋକ କରାଡ (୪୭) ବୋଲି ଚିହ୍ନଟ ହୋଇଛି। ସୂଚନା ଅନୁସାରେ, ଗୁଲୁଗୁଡ଼ା ପଞ୍ଚାୟତ ତାରପାଗୁଡ଼ା ଗ୍ରାମର ଏକ ଘରେ ନିର୍ମିତ ନୂଆ ପାଇଖାନା ଟାଙ୍କି ସଫା କରିବା ପାଇଁ ଏହି ତିନି ଜଣ ଶ୍ରମିକ ଭିତରକୁ ଓହ୍ଲାଇଥିଲେ। ମାତ୍ର ଟାଙ୍କି ଭିତରେ ନିର୍ଗତ ବିଷାକ୍ତ ଗ୍ୟାସ୍ ପ୍ରଭାବରେ ସେମାନଙ୍କର ଶ୍ୱାସକ୍ରିୟା ବନ୍ଦ ହୋଇଯାଇଥିଲା ଏବଂ ସେମାନେ ସେଠାରେ ହିଁ ଅଚେତ ହୋଇପଡ଼ିଥିଲେ। ପରିବାର ଓ ଗ୍ରାମବାସୀ ଏହା ଦେଖି ତୁରନ୍ତ ପଦ୍ମପୁର ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ତିନି ଜଣଙ୍କୁ ଟାଙ୍କି ଭିତରୁ ଉଦ୍ଧାର କରିଥିଲେ। ତେବେ ଡାକ୍ତରଖାନା ନେବା ପୂର୍ବରୁ ହିଁ ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ପ୍ରାଣବାୟୁ ଉଡ଼ିଯାଇଥିବା ଜଣାପଡ଼ିଥିଲା। ପରେ ପଦ୍ମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏକାସାଙ୍ଗରେ ତିନି ଜଣ ରୋଜଗାରିଆ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳ ତଥା ଜୀବଜଗତପୁର ଗ୍ରାମରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

## ନନ୍ଦନକାନନରେ ଓରାଂଉଟାନ୍‌ଙ୍କ ପରିସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

- ବନ୍ୟପ୍ରାଣୀ ଚୋରା ଚାଲାଣ ସନ୍ଦେହ
- କଳା ଥାର୍ ଗାଡି ଆସିଥିଲା ୧୫ ମିନିଟ୍ ପାଇଁ !

ବାଲେଶ୍ୱର/ଭୁବନେଶ୍ୱର,୯।୯: ବାଲେଶ୍ୱର ଭୋଗରାଇ ଅଞ୍ଚଳରୁ ୫ ଓରାଂଉଟନ ଶାବକ ଉଦ୍ଧାର ହେବା ପରେ ଘଟଣା ପୂର୍ବ ରାତ୍ରିରେ ଏକ କଳା ଥାର୍ ଗାଡ଼ି ସଂପୃକ୍ତ ଅଞ୍ଚଳକୁ ମାତ୍ର ୧୫ ମିନିଟ ପାଇଁ ଯାଇଥିବା ଘଟଣା ନେଇ ଏହା ବନ୍ୟପଶୁ ଚୋରା ଚାଲାଣକୁ ଇଙ୍ଗିତ କରୁଥିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସିସିଟିଭିରୁ ଏପରି ଅନୁମାନ କରାଯାଇଛି। ଏହା ଚୋରା ଚାଲାଣ କରାଯାଇଛି କି ନାହିଁ ସେ ନେଇ ଖୋଳତାଡ଼ କରିବ ସ୍ପେଶାଲ୍ ଟାସ୍କ ଫୋର୍ସ (ଏସଟିଏଫ)।



ସେଥିପାଇଁ ଏସଟିଏଫ୍ ଆଇଜି ହିଂମାଂଶୁ ଲାଲଙ୍କ ନେତୃତ୍ୱରେ ଏକ ଟିମ୍ ବାଲେଶ୍ୱର ଗସ୍ତ କରିଛି । ଅପରପକ୍ଷେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓରାଂଉଟାନ୍‌ମାନଙ୍କ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଧିକାରୀମାନଙ୍କ ସହ ଓ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଡ଼ାକ୍ତରଙ୍କ ସହ ଆଲୋଚନା କରି ବୁଝିବା ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ସମସ୍ତ ୫ ଓରାଂଉଟାନ୍ ଶାବକ ସୁସ୍ଥ ଅଛନ୍ତି।ଏମାନେ କିପରି ଓଡ଼ିଶାକୁ ଆସିଲେ ତାର ତଦନ୍ତ ଚାଲିଛି। ସେମାନଙ୍କୁ ନନ୍ଦନକାନନରେ ରଖିବା ପାଇଁ ପିସିସିଏଫ କେନ୍ଦ୍ରୀୟ ପ୍ରାଣୀଉଦ୍ୟାନ କର୍ତ୍ତୃପକ୍ଷକୁ ଚିଠି ଲେଖିଛନ୍ତି। ସେମାନେ ଯଦି ଅନୁମତି ଦେବେ, ତା'ହେଲେ ଆମେ ଏହି ଓରାଂଉଟାନଗୁଡ଼ିକୁ ଏଠାରେ ରଖିବୁ। ସେମାନେ ଅନୁମତି ଦେବେ ବୋଲି ଆମେ ଆଶା କରୁଛୁ।

## ଅଶୋଧିତ ତୈଳ ଦର ୧୦୦ ଡଲାର ଟପିଲା

- ହର୍ମୁଜରେ ଯୁଦ୍ଧ ! ଆମେରିକାର ବୁଡ଼ାଜାହାଜ ଇରାନ କବ୍‌ଜାରେ
- ୫ ତେଲ ଟ୍ୟାଙ୍କର ଉପରେ ବୋମା ପକାଇଲା ଆମେରିକା

ୱାଶିଂଟନ,୯।୯: ଇରାନ ଓ ଆମେରିକା ମଧ୍ୟରେ ପରିସ୍ଥିତି ଜଟିଳ ରହିଛି। ଅଶୋଧିତ ତୈଳ ଦର ବ୍ୟରେଲ ପିଛା ୧୦୦ ଡଲାର ଟପିଛି। ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀରୁ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡମାନେ ହର୍ମୁଜ ପ୍ରଣାଳୀରେ ଏକ ଆମେରିକୀୟ ବୁଡ଼ାଜାହାଜକୁ କବଜା କରିଥିବା ଦାବି କରିଛନ୍ତି। ଇରାନୀ ଗଣମାଧ୍ୟମ ଘଟଣାର ଏକ ଭିଡିଓ ଜାରି କରିଛି। ଆମେରିକା ଘଟଣାକୁ ଭିନ୍ନ ଭାବରେ ଉପସ୍ଥାପନ କରିଛି। ଆମେରିକୀୟ ସେନା କହିଛି ଯେ ପ୍ରଶ୍ନରେ ଥିବା ଅଣ୍ଡରୱାଟର ଡ୍ରୋନ୍ ଏକ ପୁରୁଣା ମଡେଲ୍ ଥିଲା ଏବଂ ଅପରେସନ୍ ସମୟରେ ଏହା ଖରାପ ହୋଇଯାଇଥିଲା।ଇରାନ ଅନୁଯାୟୀ, ଜବତ ଯାନଟି ହେଉଛି ଏକ ଡାଇଭ୍-ଏଲ୍ଡି, ଯାହା ଆମେରିକୀୟ ପ୍ରତିରକ୍ଷା କମ୍ପାନୀ ଆଣ୍ଡୁରିଲ୍ ଦ୍ୱାରା ନିର୍ମିତ। ଡାଇଭ୍-ଏଲ୍ଡି ପ୍ରାୟ ୧୯ ଫୁଟ ଲମ୍ବା ଏବଂ ଏହା ଦୀର୍ଘ ସମୟ ପାଇଁ ପାଣି ତଳେ କାର୍ଯ୍ୟ କରିପାରିବ। ଏହାକୁ ସମୁଦ୍ର କୂଳ ସର୍ଭେ, ଗୁପ୍ତଚର ସଂଗ୍ରହ, ଖଣି ଚିହ୍ନଟ ଏବଂ ସାଇଲୋସ୍ ଏବଂ ପାଇପଲାଇନ୍ ଭଳି ପାଣି ତଳେ ଗଠନ ନିରୀକ୍ଷଣ ପାଇଁ ବ୍ୟବହାର କରାଯାଇପାରିବ।ଇରାନୀ ରିଭୋଲ୍ୟୁସନାରୀ ଗାର୍ଡମାନେ ଏହି ଅତ୍ୟନ୍ତ ଅତ୍ୟାଧୁନିକ ଆମେରିକୀୟ ସାମରିକ ଯାନକୁ କବଜା କରିଥିବା ଦାବି କରିଛନ୍ତି।



ଇରାନ ପକ୍ଷରୁ ଜାରି ହୋଇଥିବା ଫୁଟେଜରେ ପାଣି ତଳେ ଏକ ଯାନ ଦେଖାଯାଉଛି। ଅପରପକ୍ଷେ ଇରାନର ୫ ତେଲ ଟ୍ୟାଙ୍କର ଉପରେ ଆମେରିକା ବୋମା ପକାଇଥିବା କୁହାଯାଉଛି।

### ରୋଗୀଙ୍କୁ ମିଳିବ ଆଶ୍ୱସ୍ତି


## ଖୁବ୍‌ଶୀଘ୍ର ଗଢ଼ିବ କ୍ୟାନ୍ସର କେୟାର ଭ୍ୟାନ୍

ଭୁବନେଶ୍ୱର,୯।୯: ଖୁବଶୀଘ୍ର ରାଜ୍ୟରେ ଗଢ଼ିବ କ୍ୟାନ୍ସର(କର୍କଟ) କେୟାର ଭ୍ୟାନ୍ । ଏହାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କ୍ୟାନ୍ସର କେୟାର କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ୍ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ରହିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । କ୍ୟାନ୍ସର ଚିକିତ୍ସାକୁ କେବଳ ବଡ଼ ସହର ମଧ୍ୟରେ ସୀମିତ ନ ରଖି ରାଜ୍ୟର ପ୍ରତ୍ୟେକ ଜିଲ୍ଲା ଓ ରୋଗୀଙ୍କ ନିକଟରେ ପହଞ୍ଚାଇବାକୁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେଇଛନ୍ତି । ଏହାସହ ରାଜ୍ୟର ୩୨ଟି ଜିଲ୍ଲା ହସ୍ପିଟାଲରେ ଡେ-କେୟାର ସିଷ୍ଟମ୍ ଲାଗୁ କରାଯିବ । ଏହି ବ୍ୟବସ୍ଥା ଲାଗୁ ହେଲେ କ୍ୟାନ୍ସର ରୋଗୀଙ୍କୁ ପ୍ରତିଥର ଚିକିତ୍ସା ପାଇଁ ଦୂର ଜିଲ୍ଲା କିମ୍ବା କଟକ ଯିବାକୁ ପଡ଼ିବ ନାହିଁ । କ୍ୟାନ୍ସର ଚିହ୍ନଟ ହେବା ପରେ ରୋଗୀ ଆଚାର୍ଯ୍ୟ ହରିହର କ୍ୟାନ୍ସର ସେଣ୍ଟରରେ ପ୍ରଥମ କେମୋଥେରାପି ନେବେ । ଏହାପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରବର୍ତ୍ତୀ କେମୋଥେରାପି ନିଜ ଜିଲ୍ଲା ହସ୍ପିଟାଲରେ ନେଇପାରିବେ । ଫଳରେ ରୋଗୀ ଓ ତାଙ୍କ ପରିବାରକୁ ବାରମ୍ବାର ଦୂର ସ୍ଥାନକୁ ଯାତାୟାତ କରିବାର ଖର୍ଚ୍ଚ ଓ ଅନ୍ୟାନ୍ୟ ଆର୍ଥିକ ବୋଝରୁ ଆଶ୍ୱସ୍ତି ମିଳିବ ।

## ମରି ବି ଅମର ହେଲେ ଶିକ୍ଷକ

- ★ ପରିବାରର ଦୁଃଖର ମୁହୂର୍ତ୍ତ ଅନ୍ୟଙ୍କ ପାଇଁ ଆଣିଲା ଆଶା
- ★ ସମ୍ମମରେ ପଞ୍ଚମ ମଲ୍‌ଟିପଲ୍ କ୍ୟାଡାଭେରିକ୍ ଅର୍ଗାନ୍ ରିଟ୍ରିଭାଲ୍

ଭୁବନେଶ୍ୱର,୯।୯: ଗଭୀର ଶୋକ ଓ ଅସହ୍ୟ ଦୁଃଖର ମୁହୂର୍ତ୍ତରେ ମଧ୍ୟ ମାନବିକତା ଓ ପରୋପକାରର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ସମ୍ ଅଲ୍‌ଟିମେଟ୍ ମେଡିକେୟାର (ସମ୍ମମ୍)ରେ ଜଣେ ବ୍ରେନ୍‌ଷ୍ଟେମ୍ ମୃତ ରୋଗୀଙ୍କ ପରିବାର । ଏଠାରେ ରୋଗୀ ଜଣକ ଚିକିତ୍ସିତ ହେଉଥିଲେ। ପରିବାର ସଦସ୍ୟମାନେ ରୋଗୀଙ୍କ ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ସମ୍ମତି ପ୍ରଦାନ କରି ନିଜ ଦୁଃଖର ମୁହୂର୍ତ୍ତକୁ ଅନ୍ୟମାନଙ୍କ ପାଇଁ ଜୀବନର ଆଶାରେ ପରିଣତ କରିଛନ୍ତି । କଟକ ଜିଲ୍ଲାର ବାଙ୍କୀ ଉପଖଣ୍ଡ ଧାନସାର ଗ୍ରାମର ଜଣେ ଶିକ୍ଷକ ପ୍ରତାପ ରାଉତ ହଠାତ୍ ଅସୁସ୍ଥ ହେବା ପରେ ଗୁରୁତର ଅବସ୍ଥାରେ ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ଭର୍ତ୍ତି ହୋଇଥିଲେ । ସମ୍ମମର କ୍ରିଟିକାଲ କେୟାର ବିଭାଗୀୟ ଡାକ୍ତରୀ ଟିମ୍‌ଙ୍କ ନିଷ୍ଠାପର ଉଦ୍ୟମ ସହ ସମସ୍ତ ସମ୍ଭବ ଚିକିତ୍ସା ଏବଂ ସହାୟକ ବ୍ୟବସ୍ଥା ସତ୍ତ୍ୱେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଅବନତି ହୋଇଥିଲା । ନିର୍ଦ୍ଧାରିତ ଡାକ୍ତରୀ ପରୀକ୍ଷା ଓ ପ୍ରମାଣୀକରଣ ପ୍ରକ୍ରିୟା ସଂପୂର୍ଣ୍ଣ ହେବା



ପରେ ରୋଗୀଙ୍କୁ ବ୍ରେନ୍‌ଷ୍ଟେମ୍ ମୃତ ଘୋଷଣା କରାଯାଇଥିଲା । ଅଙ୍ଗଦାନର ମହତ୍ତ୍ୱ ଏବଂ ଏହା ଦ୍ୱାରା ଅନ୍ୟମାନଙ୍କ ଜୀବନରେ ଆସିପାରୁଥିବା ପରିବର୍ତ୍ତନ ସଂପର୍କରେ ବିସ୍ତୃତ ପରାମର୍ଶ ପାଇବା ପରେ ରୋଗୀଙ୍କ ପରିବାର ଏହି ମହାନ ଓ ସାହସିକ ନିଷ୍ପତ୍ତି ନେଇଥିଲେ। ସମସ୍ତ ଆବଶ୍ୟକ ଡାକ୍ତରୀ ଓ ଆଇନଗତ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ସେପ୍ଟେମ୍ବର ୯ ତାରିଖ ଭୋର ସମୟରେ ଅଙ୍ଗ ପ୍ରତ୍ୟାହାର ପ୍ରକ୍ରିୟା ସଫଳତାର ସହ କରାଯାଇଥିଲା । ରୋଗୀଙ୍କ ଯକୃତ ଓ ଚକ୍ଷୁର କର୍ଣ୍ଣିଆ ସଫଳତାର ସହ ସଂଗ୍ରହ କରାଯାଇଛି, ଯାହା ଅଙ୍ଗ ପ୍ରତିରୋପଣ ଅପେକ୍ଷାରେ ଥିବା ରୋଗୀମାନଙ୍କ ପାଇଁ ନୂତନ ଆଶା ସୃଷ୍ଟି କରିଥିଲା।ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ଏହା ପଂଚମ ମଲ୍‌ଟିପଲ୍ କ୍ୟାଡାଭେରିକ୍ ଅର୍ଗାନ୍ ରିଟ୍ରିଭାଲ୍ । ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡାକ୍ତର) ମନୋଜରଞ୍ଜନ ନାୟକ କହିଛନ୍ତି, ଅଙ୍ଗଦାନ ହେଉଛି ମାନବିକତାର ଅନ୍ୟତମ ଶ୍ରେଷ୍ଠ କାର୍ଯ୍ୟ । ଏକ ପରିବାର ଯେତେବେଳେ ଅକଳ୍ପନୀୟ ଦୁଃଖ ଦେଇ ଗତି କରୁଥାଏ, ସେହି ସମୟରେ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେବା ଏକ ଅସାଧାରଣ ମାନବିକତା ଓ ଉଦାରତାର ପରିଚୟ । ଏହି ଉଦାରତାକୁ ଆମେ ହୃଦୟରୁ ପ୍ରଶଂସା କରୁଛୁ ।


## ଆଜି ସୃଷ୍ଟି ହୋଇପାରେ ଲଘୁଚାପ

ଭୁବନେଶ୍ୱର,୯।୯: ଆଜି ସୃଷ୍ଟି ହୋଇପାରେ ଲଘୁଚାପ । ଉତ୍ତର ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ବାୟୁମଣ୍ଡଳରରୁ ପ୍ରାୟ ୫.୮ କିଲୋମିଟରର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଥିବା ସୂଚନା ମିଳିଛି । ପ୍ରଭାବରେ ଗୁରୁବାର ଉତ୍ତର ବଙ୍ଗୋପସାଗର ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ଏବେ ନଜର ରହିଛି ଆଣ୍ଡାମାନ ସାଗରରୁ ବଙ୍ଗୋପସାଗର ଆଡ଼କୁ ହେଉଥିବା ପାଣିପାଗ ପରିବର୍ତ୍ତନ ଉପରେ । ଲଘୁଚାପ ପ୍ରଭାବରେ ଆସନ୍ତା ୧୨ ତାରିଖ ଯାଏଁ ପ୍ରବଳ ବର୍ଷା ପାରେ। ଉତ୍ତର ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାରେ ବଡ଼ ବର୍ଷା ସମ୍ଭାବନା ରହିଛି। ସେପ୍ଟେମ୍ବର ୧୭ରୁ ୨୦ ଭିତରେ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

CMYK

# ନବଜାତକଙ୍କ ଶବ ସତ୍କାର କାହିଁକି କରାଯାଏ ନାହିଁ ?






ହିନ୍ଦୁ ଧର୍ମରେ ମୃତ୍ୟୁ ପରେ ଶବ ସତ୍କାର କରିବାର ପରମ୍ପରା ରହିଛି । କିନ୍ତୁ କ'ଣ ଆପଣ ଜାଣନ୍ତି କି ୨ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ତଥା ନବଜାତ ଶିଶୁଙ୍କର ମୃତ୍ୟୁ ହେବା ପରେ ତାଙ୍କୁ ପୋଡିବା ବଦଳରେ ମାଟିରେ ପୋତିଦିଆଯାଇଥାଏ । ଜାଣନ୍ତୁ ଏହାର କାରଣ । ସମସ୍ତଙ୍କ ଘରେ ନିଜ ନିଜର ରୀତି ନୀତି, ପରମ୍ପରା ରହିଥାଏ । ହିନ୍ଦୁ ଧର୍ମରେ କୌଣସି ବ୍ୟକ୍ତିର ମୃତ୍ୟୁ ପରେ ତାଙ୍କ ମୃତ ଶରୀରର ଦାହ ସଂସ୍କାର ହେବାର ପରମ୍ପରା ରହିଛି । କିନ୍ତୁ ଛୋଟ ଶିଶୁ ତଥା ନବଜାତ ଶିଶୁଙ୍କ ମାମଲାରେ ଅନ୍ତିମ ସଂସ୍କାରର ପ୍ରକ୍ରିୟ ଅଲଗା ହୋଇଥାଏ । ଧାର୍ମିକ ମାନ୍ୟତା ଅନୁସାରେ, ଗରୁଡ଼ ପୁରାଣରେ ଭଗବାନ ବିଷ୍ଣୁ ଓ ପକ୍ଷୀରାଜ ଗରୁଡ଼ଙ୍କ ମଧ୍ୟରେ ହୋଇଥିବା ସଂଳାପ ମାଧ୍ୟମରେ ମୃତ୍ୟୁ ଏବଂ ଅନ୍ତିମ ସଂସ୍କାର ସହ ଜଡ଼ିତ ଅନେକ ନିୟମ ବର୍ଣ୍ଣନା କରାଯାଇଛି । ଏହି ମାନ୍ୟତା ଅନୁସାରେ, ଗର୍ଭପାତ ହୋଇଥିବା ଭ୍ରୂଣ କିମ୍ବା ଜନ୍ମ ପରେ ଦୁଇ ବର୍ଷ ବୟସ ପର୍ଯ୍ୟନ୍ତ କୌଣସି ଶିଶୁର ମୃତ୍ୟୁ ହେଲେ ତାହାର ଶରୀରକୁ ଦାହ ନକରି ମାଟିରେ ପୋତିବାର ବିଧାନ ଥିବା କୁହାଯାଇଛି । ଅନ୍ୟପକ୍ଷରେ, ଦୁଇ ବର୍ଷରୁ ଅଧିକ ବୟସର ଶିଶୁଙ୍କ ମୃତ୍ୟୁ ହେଲେ ଦାହ ସଂସ୍କାରର ପରମ୍ପରା ଉଲ୍ଲେଖ ରହିଛି । ଏହି ନିୟମ ପଛରେ ମଧ୍ୟ ଏକ ଧାର୍ମିକ ବ୍ୟାଖ୍ୟା ରହିଛି । ଗରୁଡ଼ ପୁରାଣ ସହ ଜଡ଼ିତ ମାନ୍ୟତା ଅନୁସାରେ, ଜୀବନର ପ୍ରାରମ୍ଭିକ ଅବସ୍ଥାରେ ଶିଶୁ ସାଂସାରିକ ମୋହମାୟା ଓ କର୍ମର ଧାରଣାଠାରୁ ଦୂରରେ ଥାଏ । ବୟସ ବଢ଼ିବା ସହ ଶରୀର, ପରିବାର ଓ ସଂସାର ପ୍ରତି ମଣିଷର ଆସକ୍ତି ବଢ଼େ ବୋଲି ଏହି ଧାର୍ମିକ ଧାରଣାରେ କୁହାଯାଇଛି । ସେଥିପାଇଁ ଅତି କମ୍ ବୟସରେ ମୃତ୍ୟୁ ଘଟିଲେ ଦାହ ବଦଳରେ ପୋତିଦବାର ମାନ୍ୟତା ରହିଛି । ଶିଶୁଙ୍କ ମୃତ୍ୟୁ ପରେ ତାଙ୍କ ଆତ୍ମାକୁ ନେଇ ମଧ୍ୟ ଗରୁଡ଼ ପୁରାଣରେ ବିଶେଷ ମାନ୍ୟତା ରହିଛି । ଧାର୍ମିକ ବିଶ୍ୱାସ ଅନୁସାରେ, ଦୁଇ ବର୍ଷରୁ କମ୍ ବୟସରେ ମୃତ୍ୟୁ ହେଲେ ଶିଶୁର ଆତ୍ମାକୁ କର୍ମ ଆଧାରରେ ଦଣ୍ଡ ଭୋଗ କରିବାକୁ ପଡ଼େନାହିଁ ଏବଂ ସିଧାସଳଖ ସ୍ୱର୍ଗ ପ୍ରାପ୍ତି ହୁଏ ବୋଲି କୁହାଯାଇଥାଏ । ଏହା ଏକ ଧାର୍ମିକ ମାନ୍ୟତା, ଏହାର କୌଣସି ବୈଜ୍ଞାନିକ ପ୍ରମାଣ ନାହିଁ । ଶିଶୁର ଆତ୍ମାର ଶାନ୍ତି ପାଇଁ ଦାନପୁଣ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଗରୁଡ଼ ପୁରାଣ ସମ୍ବନ୍ଧୀୟ ମାନ୍ୟତାରେ ଶିଶୁର ବୟସ ଅନୁସାରେ ଦୁଧ ଦାନ କରିବାର ଉଲ୍ଲେଖ ରହିଛି । ଶିଶୁ ଯେତେ ମାସର ଥିଲା, ସେତେଜଣ ପିଲାଙ୍କୁ ଦୁଧ ପିଆଇବା ଭଳି ପରମ୍ପରାର କଥା କୁହାଯାଇଛି । ତେବେ ଅଞ୍ଚଳ, ସମ୍ପ୍ରଦାୟ ଓ ପରିବାର ଅନୁସାରେ ଏହି ରୀତିନୀତିରେ ଭିନ୍ନତା ରହିପାରେ । ଛୋଟ ପିଲାଙ୍କ ଶ୍ରାଦ୍ଧକୁ ନେଇ ମଧ୍ୟ ବୟସ୍କଙ୍କଠାରୁ ଅଲଗା ନିୟମ ଥିବାର ଉଲ୍ଲେଖ ମିଳେ । ଗରୁଡ଼ ପୁରାଣ ସମ୍ବନ୍ଧୀୟ ବ୍ୟାଖ୍ୟା ଅନୁସାରେ, ମୁଣ୍ଡନ କିମ୍ବା ଉପନୟନ ଭଳି ସଂସ୍କାର ହୋଇନଥିବା ଅତି ଛୋଟ ପିଲାଙ୍କ ପାଇଁ ସାଧାରଣ ବୟସ୍କଙ୍କ ଭଳି ଶ୍ରାଦ୍ଧ କରାଯାଏ ନାହିଁ । ବୟସ ବଢ଼ିବା ସହ ଦାନ ଓ ଭୋଜନ ଭଳି ଧାର୍ମିକ କ୍ରିୟାରେ ମଧ୍ୟ ଭିନ୍ନତା ରହିଥାଏ । ତେବେ ଏସବୁ ଗରୁଡ଼ ପୁରାଣ ଓ ହିନ୍ଦୁ ଧାର୍ମିକ ପରମ୍ପରା ସହ ଜଡ଼ିତ ମାନ୍ୟତା । ଭିନ୍ନ ଅଞ୍ଚଳ, ସମ୍ପ୍ରଦାୟ ଓ ପରିବାରରେ ଶିଶୁଙ୍କ ଶେଷ ସଂସ୍କାରର ପ୍ରଥା ଅଲଗା ହୋଇପାରେ । ତେଣୁ ଏଭଳି ପରିସ୍ଥିତିରେ ନିଜ ପରିବାରର ପରମ୍ପରା ଓ ସ୍ଥାନୀୟ ଧର୍ମାଚାର୍ଯ୍ୟଙ୍କ ପରାମର୍ଶକୁ ଗୁରୁତ୍ୱ ଦିଆଯାଏ ।

## ପ୍ରଲମ୍ବାସୁର ବଧ

ପ୍ରଲମ୍ବାସୁରକୁ ବଧ କରିବା ସ୍ଥିତିରେ ଶ୍ରୀବଳରାମ ତାଳଧ୍ୱଜ ରଥରେ ଶୋଭା ପାଉଛନ୍ତି । ଚାରି ହସ୍ତ ଯୁକ୍ତ ଶ୍ରୀବଳରାମ । ଠାକୁରେ ମୂଷଳ, ଢାଲ, ଖଙ୍ଗ ଓ ଚକ୍ର ଆୟୁଧ ରୂପେ ଧାରଣ କରିଛନ୍ତି । କଂସ ପଠାଇଥିଲା ପ୍ରଲମ୍ବାସୁରକୁ ଶ୍ରୀକୃଷ୍ଣଙ୍କୁ ମାରିବାକୁ । ପ୍ରଲମ୍ବାସୁର ଚିହ୍ନି ନ ପାରି ବଳରାମଙ୍କୁ ମାରିବାକୁ ବସିଲା । ଖେଳ କୌତୁକର ଆଳ କରି ବଳରାମଙ୍କୁ ଟେକି ଉଡ଼ିଯିବା ସମୟରେ ବଳରାମ ଅସୁରକୁ ହତ୍ୟା କରିଥିଲେ।



# ସୀତା: ଶାଶ୍ୱତ ଶକ୍ତି

ଭଗବାନ ଶ୍ରୀରାମ ଚନ୍ଦ୍ର ରାମାୟଣର ମୁଖ୍ୟ ନାୟକ ଏବଂ ଦେବୀ ସୀତା ହେଲେ ନାୟିକା । ଶ୍ରୀରାମଙ୍କର ତିନି ଭାଇ ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନ । ଶ୍ରୀରାମ ସମସ୍ତଙ୍କ ଠାରୁ ବଡ଼ ଥିଲେ । ଠିକ୍ ସେହିପରି ମାତା ସୀତାଙ୍କର ତିନି ଭଉଣୀ ଥିଲେ ମାଣ୍ଡବୀ, ଶୃତକୀର୍ତ୍ତୀ ଏବଂ ଉର୍ମିଳା । ମାତା ସୀତା ସମସ୍ତଙ୍କ ଠାରୁ ବଡ଼ଥିଲେ । ଉପନିଷଦ୍‌ରେ 'ସୀତା' ଶବ୍ଦର ଉଲ୍ଲେଖ ରହିଛି । ଅଥର୍ବ ବେଦ ଅନ୍ତର୍ଗତ ଏକ ଉପନିଷଦ୍ ହେଉଛି 'ସୀତା ଉପନିଷଦ୍' । ଏହାକୁ ଅଥର୍ବ ବେଦୀୟ ଉପନିଷଦ୍ ମଧ୍ୟ କୁହାଯାଏ । ଏଥିଲେ ଉଲ୍ଲେଖ ରହିଛି ଯେ ଦେବଗଣ ଏବଂ ପ୍ରଜାପତିଙ୍କ ମଧ୍ୟରେ ଥରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ 'ସୀତା' ଶବ୍ଦ ସମ୍ପର୍କରେ ଆଲୋଚନା କରାଯାଇଥିଲା । 'ସୀତା' ଶବ୍ଦର ଅର୍ଥ ଶାଶ୍ୱତ ଶକ୍ତିର ଆଧାର । ସୀତାଙ୍କୁ ପ୍ରକୃତିର ସ୍ୱରୂପ ବୋଲି ସମସ୍ତେ ଗ୍ରହଣ କରିଥିଲେ । ଏଠାରେ ଅକ୍ଷରବ୍ରହ୍ମଙ୍କ ଶକ୍ତି ରୂପରେ 'ସୀତା' ଶବ୍ଦକୁ ଗ୍ରହଣ କରାଯାଇଥିଲା । ସାକ୍ଷାତ୍ ଯୋଗମାୟାଙ୍କୁ ଏହି ନାମ ଦିଆଯାଇଥିଲା । ସୀତା କ୍ରିୟାଶକ୍ତି, ଇଚ୍ଛାଶକ୍ତି ଏବଂ ଜ୍ଞାନଶକ୍ତି ରୂପରେ ପ୍ରକଟ ହୋଇଥାନ୍ତି । ପରାମାତ୍ମାଙ୍କ କ୍ରିୟାଶକ୍ତି




ସ୍ୱରୂପା ସୀତା ଭଗବାନ ଶ୍ରୀହରିଙ୍କ ମୁଖରୁ 'ନାଦ' ରୂପରେ ପ୍ରକଟ ହୋଇଥିବା କେତେକ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି । ଭଗବାନ ଶ୍ରୀରାମ ଅଶ୍ୱମେଧ ଯଜ୍ଞ ଆୟୋଜନ କଲେ । ଏହି ସମୟରେ ରାମାୟଣର ରଚୟିତା ମହର୍ଷି ବାଲ୍ମିକୀ ନିଜର ଦୁଇ ଶିଷ୍ୟ ଲବ ଏବଂ କୁଶଙ୍କୁ ରାମାୟଣ ଶୁଣାଇବା ଲାଗି ପଠାଇଥିଲେ । ରାମଚନ୍ଦ୍ର ଏକାଗ୍ର ଚିତ୍ତ ହୋଇ ନିଜ ଜୀବନୀ ଆଧାରିତ ରାମାୟଣ ଶୁଣିଲେ । ପ୍ରତିଦିନ ଦୁଇ ଭାଇ ରାମାୟଣର ୨୦ଟି ସର୍ଗ ଶୁଣାଉଥିଲେ । ଏହିପରି ଉତ୍ତରା କାଣ୍ଡ ନିକଟରେ ପହଞ୍ଚିବା ପରେ ରାମଚନ୍ଦ୍ର ଜାଣିଲେ ଏ ଦୁହେଁ ହେଉଛନ୍ତି ତାଙ୍କରି ପୁତ୍ର । ଏହାପରେ ସୀତାଙ୍କୁ ରାମଚନ୍ଦ୍ର କହିଲେ ଯେ ଯଦି ସେ ନିଷ୍ପାପ ତା'ହେଲେ ସଭାରେ ଆସି ନିଜ ପବିତ୍ରତାର ପ୍ରମାଣ ଦିଅନ୍ତୁ । ବାଲ୍ମିକୀ ସୀତାଙ୍କୁ ନେଇ ଗଲେ । ବଶିଷ୍ଠ କହିଲେ, ହେ ରାମ ! ମୁଁ ବରୁଣଙ୍କ ଦଶମ ପୁତ୍ର । ଜୀବନରେ କେବେ ମିଥ୍ୟା କହି ନାହିଁ । ଏ ଦୁହେଁ ତୁମର ପୁତ୍ର । ଯଦି ମୁଁ ମିଛ କହୁଥାଏ, ତେବେ ମୋ ତପସ୍ୟାର ଫଳ ମୋତେ ମିଳିବ ନାହିଁ । ମୁଁ ମୋର ଦିବ୍ୟ ଦୃଷ୍ଟି ବଳରେ ମାତା ସୀତାଙ୍କ ପବିତ୍ରତା ଜାଣିନେଇଛି । ସୀତା ହାତଯୋଡ଼ି ତଳକୁ ମୁହଁ କରି କହିଲେ, ହେ ଧରିତ୍ରୀ ମା ! ଯଦି ମୁଁ ପବିତ୍ର ହୋଇଥାଏ, ତେବେ ଧରିତ୍ରୀ ଦୁଇ ଫାଳ ହୋଇଯାଉ, ମୁଁ ସେଥିମଧ୍ୟରେ ସମାହିତ ହୋଇଯାଏ । ତାଙ୍କ ମୁଖରୁ ଏତିକି ବାହାରିବା କ୍ଷଣି ଭୂମି ଦୁଇ ଭାଗ ହୋଇଗଲା । ନାଗଙ୍କ ମଥା ଉପରେ ରଖାଯାଇଥିବା ଏକ ସିଂହାସନ ଉପରକୁ ଆସିଲା । ସେଥିରେ ପୃଥିବୀ ଦେବୀ ବସିଥିଲେ । ସେ ସୀତାଙ୍କୁ ସେହି ସିଂହାସନରେ ବସାଇଲେ । ଏହାପରେ ସିଂହାସନ ପୁଣି ଥରେ ମାଟି ଭିତରକୁ ଚାଲିଗଲା । ଏହିପରି ଦେବୀ ସୀତା ପରମଧାମ ଯାତ୍ରା କରିଥିଲେ ।



## ପ୍ରାରମ୍ଭିକ ଜୀବନ ଓ ଶିକ୍ଷା

ଶୁକ୍ରାଚାର୍ଯ୍ୟ ଓ ବୃହସ୍ପତି (ଦେବଗୁରୁ) ଋଷି ଅଙ୍ଗିରସଙ୍କ ଅଧୀନରେ ଏକାଠି ଶିକ୍ଷା ଗ୍ରହଣ କରିଥିଲେ। ଅଙ୍ଗିରସ ବୃହସ୍ପତିଙ୍କ ପିତା ଥିବାରୁ ଶୁକ୍ରାଚାର୍ଯ୍ୟ ଅଙ୍ଗିରସଙ୍କ ପକ୍ଷପାତକୁ ନେଇ ଅସନ୍ତୁଷ୍ଟ ହୋଇଥିଲେ। ଏହି ଅସନ୍ତୋଷ ତାଙ୍କୁ ଋଷି ଗୌତମଙ୍କ ଅଧୀନରେ ଶିକ୍ଷା ଗ୍ରହଣ କରିବାକୁ ପ୍ରେରିତ କରିଥିଲା। ପରେ ସେ ଭଗବାନ ଶିବଙ୍କୁ କଠୋର ତପସ୍ୟା କରି ସଞ୍ଜୀବନୀ ମନ୍ତ୍ର ପ୍ରାପ୍ତ କରିଥିଲେ, ଯାହା ମୃତଙ୍କୁ ପୁନର୍ଜନ୍ମ ଦେବାର ଏକ ଦୁର୍ଲଭ ବିଦ୍ୟା। ଶୁକ୍ରାଚାର୍ଯ୍ୟଙ୍କ ଜନ୍ମ ଶ୍ରାବଣ ମାସର ଶୁଦ୍ଧ ଅଷ୍ଟମୀ ତିଥିରେ, ଶୁକ୍ରବାର ସ୍ୱାତୀ ନକ୍ଷତ୍ରରେ ହୋଇଥିଲା। ଏହି କାରଣରୁ ଶୁକ୍ରବାରକୁ ଓଡ଼ିଆ ସମେତ ଅନ୍ୟାନ୍ୟ ଭାରତୀୟ ଭାଷାରେ 'ଶୁକ୍ରବାର' ବୋଲି କୁହାଯାଏ। ତାଙ୍କୁ ଏକ ବ୍ରାହ୍ମଣ ଗ୍ରହ ଭାବେ ବିବେଚନା କରାଯାଏ, ଯାହାଙ୍କ ପ୍ରକୃତି ସ୍ତ୍ରୈଣ।



## ଶ୍ରୀଗଣେଶ ଓ ବ୍ୟାସଦେବ

ପ୍ରତ୍ୟେକ ଶୁଭକାର୍ଯ୍ୟ ଆରମ୍ଭ ପୂର୍ବରୁ ଶ୍ରୀଗଣନାଥଙ୍କ ପୂଜନ ନିଶ୍ଚିତ ଭାବରେ ସଂପାଦିତ ହୋଇଥାଏ। ଗଣପତିଙ୍କୁ ପୂଜନ କରିବା ସମୟରେ ଗଣପତିଙ୍କ ବନ୍ଦନା ସହିତ ମୁଖ୍ୟତଃ ଏକ ମନ୍ତ୍ର ଉଚ୍ଚାରଣ କରାଯାଏ ଆଉ ତାହା ହେଲା -

ବକ୍ରତୁଣ୍ଡ ମହାକାୟ,
ସୂର୍ଯ୍ୟକୋଟି ସମପ୍ରଭଃ...
ନିର୍ବିଘ୍ନମ୍ କୁରୁମେ ଦେବଃ,
ସର୍ବଃ କାର୍ଯ୍ୟେଷୁ ସର୍ବଦା

ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଭଗବାନ ଗଣେଶ ସଙ୍କଟ, କଷ୍ଟ ଓ ଦାରିଦ୍ର୍ୟରୁ ମୁକ୍ତି ଦେଇଥାଆନ୍ତି। କୁହାଯାଏ, ଏହିଦିନ ଉଚିତ ବିଧି-ବିଧାନ ଅନୁସାରେ ଗଣେଶଙ୍କୁ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୋଇଥାଏ। ଶାସ୍ତ୍ରୀୟ ମତରେ ବାଧାବିଘ୍ନ ଦୂରୀକରଣ, ସୁଖସମୃଦ୍ଧି ଏବଂ ଜ୍ଞାନ ଆହରଣ ପାଇଁ ଯେଉଁ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରିଥାଏ ତା'ର ପ୍ରତୀକ ହେଉଛନ୍ତି ଶ୍ରୀଗଣେଶ । ସେଇଥିପାଇଁ ସେ ବିଘ୍ନ ବିନାଶକ,

● ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ସିଦ୍ଧି ବିନାୟକ ଭାବରେ ମଧ୍ୟ ପରିଚିତ। ବିଶ୍ୱର ସର୍ବଶ୍ରେଷ୍ଠ ବୃହତ୍ ଗ୍ରନ୍ଥ ମହାଭାରତ କୁ ପ୍ରଭୁ ଗଣେଶ ସ୍ୱହସ୍ତରେ ଲେଖିଥିଲେ ଆଉ ମହର୍ଷି ବ୍ୟାସଦେବ ପରିକଳ୍ପନା କରିଥିଲେ। ମହର୍ଷି ବ୍ୟାସଦେବ ସୁଦୀର୍ଘ ସାଧନା କରି ବିଶାଳ ମହାଭାରତ ଗ୍ରନ୍ଥର ପରିକଳ୍ପନା କରିଥାନ୍ତି। ତାଙ୍କ ପରିକଳ୍ପିତ ଗ୍ରନ୍ଥ ଏତେ ବିଶାଳ ଥାଏ ଯେ ଏହାକୁ ରଚନା କରିବା ବହୁତ କଷ୍ଟସାଧ୍ୟ ଥାଏ। ସେ ଚିନ୍ତା କରୁଥାନ୍ତି ମୋତେ ଜଣେ ବିଚକ୍ଷଣ ଓ ବୁଦ୍ଧିମାନ ପଣ୍ଡିତ ମିଳନ୍ତେ କି ଯାହାକୁ ମୁଁ ମହାଭାରତ କଥା ଡାକିଲେ ସେ କ୍ଷୀପ୍ର ଗତିରେ ଲେଖି ଯାଆନ୍ତେ। ଏଥିପାଇଁ ବ୍ରହ୍ମାଙ୍କୁ ପ୍ରାର୍ଥନା କରି ସଂକ୍ଷେପରେ ସେ ତାଙ୍କୁ ମହାଭାରତ କଥା ଶୁଣାଇବାରୁ ବ୍ରହ୍ମା ବହୁ ଆନନ୍ଦିତ ହେଲେ। ସେ ମହର୍ଷିଙ୍କୁ କହିଲେ,' ହେ ମହାତ୍ମନ, ମୁଁ ତୁମ ମନ ବ୍ୟଥା ବୁଝିପାରୁଛି । ତୁମର ଏହି ବିଶାଳ ଗ୍ରନ୍ଥକୁ ଲିପିବଦ୍ଧ କରିବା ପାଇଁ ସଂସାରରେ ଜଣେ ମାତ୍ର ସମର୍ଥ ଅଛନ୍ତି। ସେ ହେଉଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଣେଶ। ତୁମେ ତାଙ୍କୁ ପ୍ରାର୍ଥନା କର,ନିଶ୍ଚୟ ସେ ତୁମକୁ ସାହାଯ୍ୟ କରିବେ'। ବ୍ରହ୍ମାଙ୍କଠାରୁ ଏହା ଶୁଣି ବ୍ୟାସଦେବ ଭକ୍ତି ପୂର୍ବକ ଗଣେଶଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ। ବିଘ୍ନରାଜ ତାଙ୍କର ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ସମ୍ମୁଖରେ ଉପସ୍ଥିତ ହେଲେ।

## ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ବିଚାର



ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଅନ୍ୟ ବହୁ ମତବାଦ ପରି ତନ୍ତ୍ରର ମଧ୍ୟ ବିପୁଳ ପ୍ରଭାବ ପଡିଛି । ଐତିହାସିକ ଦୃଷ୍ଟିରୁ ଓଡ଼ିଶା ଏକଦା ତନ୍ତ୍ରର ଏକ ପ୍ରଧାନ ପୀଠ ଥିଲା । 'ବଜ୍ରତନ୍ତ୍ର' ଗ୍ରନ୍ଥ ତନ୍ତ୍ରର ଚାରିପୀଠ ମଧ୍ୟରେ ଉଡ୍ଡୀୟାନପୀଠକୁ ଗ୍ରହଣ କରିବା ସହ, ଏହାକୁ ତନ୍ତ୍ର ସାଧନାର ମୁଖ୍ୟପୀଠ ରୂପେ ବର୍ଣ୍ଣନା କରିଛି । କାଳିକା ପୁରାଣରେ ଏହି ପୀଠ 'ଓଡ୍ରାଖ୍ୟଂ' ରୂପେ ବର୍ଣ୍ଣିତ ଏବଂ ପ୍ରଥମ ପୀଠ ଭାବରେ ସ୍ୱୀକୃତ । ହରପ୍ରସାଦ ଶାସ୍ତ୍ରୀ, ଡ. ବିନୟତୋଷ ଭଟ୍ଟାଚାର୍ଯ୍ୟ ଆଦି ଗବେଷକମାନେ ଉଡ୍ଡୀୟାନପୀଠ ଓ ଓଡ଼ିଶାକୁ ଏକ ବୋଲି ପ୍ରମାଣ କରିଛନ୍ତି । ଏହି ପୀଠ ମଧ୍ୟରେ ଅବସ୍ଥିତ ଶ୍ରୀକ୍ଷେତ୍ରକୁ ତନ୍ତ୍ରପୀଠ ରୂପେ ପ୍ରାଧାନ୍ୟ ଦିଆଯାଇଛି । ତନ୍ତ୍ର ଶାସ୍ତ୍ର ଉଲ୍ଲେଖ କରେ 'ଶ୍ରୀଜଗନ୍ନାଥ ସାକ୍ଷାତ୍ ଦକ୍ଷିଣ କାଳୀକା' । ଅର୍ଥାତ ଶ୍ରୀ ଜଗନ୍ନାଥ ସାକ୍ଷାତ ଦକ୍ଷିଣ କାଳୀକା ଅଟନ୍ତି । ଅନ୍ୟ ଏକ ମତାନୁସାରେ ଏହି ପୀଠର ଇଷ୍ଟଦେବୀ ବିମଳାଙ୍କୁ ଅନେକ ଗ୍ରନ୍ଥରେ ଭୈରବୀ ରୂପେ ଗ୍ରହଣ କରାଯାଇ ଶ୍ରୀ ଜଗନ୍ନାଥଙ୍କୁ ଭୈରବ ରୂପେ ବର୍ଣ୍ଣନା କରାଯାଇଛି । ତନ୍ତ୍ର ଅନୁସାରେ ପ୍ରତ୍ୟେକ ତନ୍ତ୍ରପୀଠର ରକ୍ଷା ନିମନ୍ତେ ଅଷ୍ଟଶକ୍ତି ଓ ଅଷ୍ଟରୁଦ୍ର ରହିବା ଆବଶ୍ୟକ । ଏହି ଦୃଷ୍ଟିରୁ ଶ୍ରୀ କ୍ଷେତ୍ରର ଅଷ୍ଟଶକ୍ତି ରୂପେ ବଟମୂଳ ଅଗ୍ନିକୋଣରେ ମଙ୍ଗଳା, ପଶ୍ଚିମରେ ବିମଳା, ବାୟୁକୋଣରେ ସର୍ବମଙ୍ଗଳା, ଉତ୍ତରରେ ଅର୍ଦ୍ଧଶୋଷିନୀ, ଈଶାନରେ ଆଲାମଚଣ୍ଡୀ, ଦକ୍ଷିଣରେ କାଳରାତ୍ରୀ, ପୂର୍ବରେ ମରୀଚିକା, ନୈରତରେ ଚଣ୍ଡରୂପା ବିରାଜିତା । ଶ୍ରୀକ୍ଷେତ୍ରର ଅନ୍ତର୍ବେଦୀର ରକ୍ଷା ନିମନ୍ତେ ଏହି ଅଷ୍ଟଶକ୍ତିଙ୍କ ପରିକଳ୍ପନା କରାଯାଇଛି ବୋଲି କୁହାଯାଏ । ସେହିପରି ଅଷ୍ଟରୁଦ୍ର ମଧ୍ୟ ସମସ୍ତ ଦିଗରେ ବିରାଜିତ । ସେମାନେ ହେଲେ କପାଳମୋଚନ, ଯମେଶ୍ୱର, ଈଶାନେଶ୍ୱର, ମାର୍କଣ୍ଡେଶ୍ୱର, ବିଲେଶ୍ୱର, ନୀଳକଣ୍ଠ, ବଟେଶ ଓ ମହେଶ ବା ଲୋକନାଥ । ଶ୍ରୀ ମନ୍ଦିରରେ ବିମଳାଙ୍କୁ ଭୈରବ ରୂପୀ ଜଗନ୍ନାଥଙ୍କ ଉଚ୍ଛିଷ୍ଟ ସମର୍ପଣ କରାଯାଉଥିବାରୁ ଏହା ଉଚ୍ଛିଷ୍ଟପୀଠ ଭାବେ ବର୍ଣ୍ଣିତ । ଏଠାରେ ଦେବୀ ସତୀଙ୍କ ପାଦ ପଡିଥିବାରୁ ଏହା ପାଦପୀଠ ରୂପେ ମଧ୍ୟ ପରିଚିତ । ଶ୍ରୀ ମନ୍ଦିର ମଧ୍ୟରେ ଅନେକ ତାନ୍ତ୍ରିକ ଦେବୀ ଯଥା କୁତାମଚଣ୍ଡୀ, ମଶାଣିଚଣ୍ଡୀ, ଖମ୍ବକାଳୀ, ବେଢାକାଳୀ, କମଳା ଆଦି ପୂଜା ପାଆନ୍ତି ।



## -ଦ୍ୱାରକା-

**ଅବସ୍ଥାନ:** ଗୁଜରାଟରେ ଅରବ ସାଗର କୂଳରେ।

**ଦେବତା:** ଭଗବାନ କୃଷ୍ଣ, ଯିଏ ଏଠାରେ ଦ୍ୱାରକାଧୀଶ ରୂପେ ପୂଜିତ।

**ମହତ୍ତ୍ୱ:** ଦ୍ୱାରକା ଭଗବାନ କୃଷ୍ଣଙ୍କ ରାଜଧାନୀ ଥିଲା, ଯାହା ମହାଭାରତରେ ବର୍ଣ୍ଣିତ। ପୁରାଣ ଅନୁସାରେ, କୃଷ୍ଣ ମଥୁରା ଛାଡ଼ି ଦ୍ୱାରକାରେ ଏକ ନୂଆ ନଗରୀ ସ୍ଥାପନ କରିଥିଲେ। ଏହା ୧୦୮ ଦିବ୍ୟ ଦେଶମ୍‌ରୁ ଗୋଟିଏ।

**ବିଶେଷତ୍ୱ:** ଦ୍ୱାରକାଧୀଶ ମନ୍ଦିରର ଶିଖରରେ ଏକ ପତାକା ପ୍ରତିଦିନ ୫୨ଥର ପରିବର୍ତ୍ତନ କରାଯାଏ, ଯାହା ଏକ ପାରମ୍ପରିକ ରୀତି। ନିକଟସ୍ଥ ବେଟ ଦ୍ୱାରକା ଦ୍ୱୀପ ମଧ୍ୟ ପବିତ୍ର ସ୍ଥାନ।

**ଐତିହାସିକ ମହତ୍ତ୍ୱ:** ଆଦି ଶଙ୍କରାଚାର୍ଯ୍ୟ ଏଠାରେ ଶାରଦା ମଠ ସ୍ଥାପନ କରିଥିଲେ। ପୁରାତତ୍ତ୍ୱବିଦମାନେ ଦ୍ୱାରକାରେ ପ୍ରାଚୀନ ନଗରୀର ଅବଶେଷ ଖୋଜି ପାଇଛନ୍ତି, ଯାହା ଏହାର ଐତିହାସିକତାକୁ ସମର୍ଥନ କରେ।



## ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ ଉପଜିଲ୍ଲାପାଳ

### ଛାତ୍ରଛାତ୍ରୀଙ୍କ ସୁବିଧା ଓ ଶିକ୍ଷା ବ୍ୟବସ୍ଥାର ସମୀକ୍ଷା

ବାଙ୍କୀ,(ନିପ୍ର): ବାଙ୍କୀ ବ୍ଲକ୍ ଅନ୍ତର୍ଗତ ପଣ୍ଡାଳମ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଭିତ୍ତିଭୂମି, ଛାତ୍ରାବାସ ଓ ଛାତ୍ରଛାତ୍ରୀଙ୍କ କଲ୍ୟାଣ ସମ୍ପର୍କରେ ସମୀକ୍ଷା କରିଛନ୍ତି ବାଙ୍କୀ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ମନୋସ୍ୱିନୀ ଦାସ। ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ବିଦ୍ୟାଳୟର ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଶିକ୍ଷାଦାନର ମାନ, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଛାତ୍ର କଲ୍ୟାଣ



ଏବଂ ଛାତ୍ରାବାସରେ ଉପଲବ୍ଧ ସୁବିଧା ସୁଯୋଗ ଯାଞ୍ଚ କରିଥିଲେ। ଏଥିସହ ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ଜୀବନଯାପନର ସ୍ଥିତି ଓ ସେମାନଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ। ଏହି ଅବସରରେ ଶ୍ରୀମତୀ ଦାସ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସୁବିଧା, ଆବଶ୍ୟକତା ଓ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ବିଦ୍ୟାଳୟ ଓ ଛାତ୍ରାବାସ ପରିସରରେ ଉତ୍ତମ ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ବଜାୟ ରଖିବା ସହ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଶିକ୍ଷାଦାନର ଗୁଣାତ୍ମକ ମାନ ବଜାୟ ରଖିବା ଏବଂ ଚାଲୁଥିବା ନିର୍ମାଣ କାର୍ଯ୍ୟଗୁଡ଼ିକୁ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ସ୍ତ୍ରୀକୁ ଗୁଳିକରି ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ କୋର୍ଟ ଚାଲାଣ କଲା ପୋଲିସ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୋଷରାମାଳ ପଞ୍ଚାୟତ ଲାଣ୍ଡିମାଲ ଗାଁରେ ଦେଶୀ ବନ୍ଧୁକରେ ସ୍ତ୍ରୀ ଅମ୍ବିକା ମିର୍ଦ୍ଧାକୁ ଗୁଳି କରି ହତ୍ୟା କରିଥିଲା ଅଭିଯୁକ୍ତ ସ୍ୱାମୀ ଚରଣ ମିର୍ଦ୍ଧା । ସୂଚନା ଅଛି ହିନ୍ଦୁ ରୀତିନୀତି ଏବଂ ପ୍ରଥା ଅନୁଯାୟୀ ଉଭୟଙ୍କ ବିବାହ ହୋଇଥିଲା ଓ ବିବାହର କିଛି ବର୍ଷ ବିତିବା ପରେ, ଅଭିଯୁକ୍ତ ଚରଣ ମିର୍ଦ୍ଧା ତାଙ୍କୁ ନିୟମିତ ବ୍ୟବଧାନରେ ଆକ୍ରମଣ ଏବଂ ଝଗଡ଼ା କରି ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲା । ଏହି ନିର୍ଯାତନା ଓ ଝଗଡ଼ା ଯୋଗୁଁ, ମୃତ ସ୍ତ୍ରୀ ଅମ୍ବିକା ଅନେକ ଥର ତାଙ୍କ ପୈତୃକ ଘରକୁ ଚାଲିଯାଇଥିଲେ ଏବଂ ସେଠାରେ କିଛି ଦିନ ରହିବା ପରେ, ଅଭିଯୁକ୍ତଙ୍କ ପରିବାର ସଦସ୍ୟମାନେ ତାଙ୍କୁ ବୁଝାସୁଝା କରି ଘରକୁ ନେଇଯାଇଥିଲେ ହେଲେ କିଛି ଦିନ ପରେ ପୁଣି ଝଗଡ଼ା ଓ ଯାହାକି ପାରିବାରିକ କଳହରୁ



ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଘଟଣା କୁନେଇ ରେଢ଼ାଖୋଲ ପୋଲିସ ତଦନ୍ତ କରି ବ୍ୟବହୃତ ବନ୍ଧୁକକୁ ଜବତ କରି ହତ୍ୟା ଅଭିଯୁକ୍ତ ଚରଣ ମିର୍ଦ୍ଧାକୁ ଗିରଫ କରି କୋର୍ଟଚାଲାଣ କରିଥିବା ରେଢ଼ାଖୋଲ ଆଇଆଇସି ସୂଚନା ଦେଇଛନ୍ତି ।

## ଗଞ୍ଜାମ ଏସପିଙ୍କ ହିଞ୍ଜିଳି ଗସ୍ତ: ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା

ହିଞ୍ଜିଳିକାଟୁ,(ନିପ୍ର): ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ହିଞ୍ଜିଳି ଥାନା ଗସ୍ତ କରି ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ସେ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କର ବିଭିନ୍ନ ଆଇନଗତ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଗସ୍ତ କାଳରେ ଏସପି ଫାଗମାର୍ଚ୍ଚ କରି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏବଂ ପ୍ରତ୍ୟେକ ନାଗରିକଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ପୋଲିସର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି.ଏତଦ୍‌ବ୍ୟତୀତ, ଥାନାର ବିଭିନ୍ନ କାଗଜପତ୍ର,



ମାମଲାର ଅଗ୍ରଗତି ଏବଂ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ପଦକ୍ଷେପ ବାବଦରେ ସେ ସମୀକ୍ଷା କରିଥିଲେ। ସାଧାରଣ ଲୋକେ ଯେପରି ବିନା ଭୟରେ ଥାନାକୁ ଆସି ନିଜର ସମସ୍ୟା ଜଣାଇପାରିବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସେ ପୋଲିସ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଗସ୍ତ ସମୟ ରେ ଆସିକା ଏସଡିପିଓ ସୌରଭ ରଞ୍ଜନ ପ୍ରଧାନ,ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀ, ଏସ ଆଇ ସୁରେଶ ସାହୁ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# ଆସିକାରେ ବେଆଇନ ପାର୍କିଂ ବଢ଼ାଉଛି ଟ୍ରାଫିକ ସମସ୍ୟା

ଆସିକା,(ନିପ୍ର): ଆସିକାରେ ବେଆଇନ ପାର୍କିଂ ବଢ଼ାଉଛି ଟ୍ରାଫିକ ସମସ୍ୟା। ଗଞ୍ଜାମ ଜିଲ୍ଲାର ଏକ ମୁଖ୍ୟ ବ୍ୟବସାୟିକ ମୁଖ୍ୟ କେନ୍ଦ୍ର ଓ ପେଣ୍ଠ ସ୍ଥଳୀ ହେଉଛି ଆସିକା ସହର। ଏହି ସହର ଦେଇ ଦୁଇଟି ଜାତୀୟ ରାଜପଥ ଓ ଗୋଟିଏ ରାଜ୍ୟ ରାଜପଥ ଯାଇଥିବା ଯୋଗୁଁ। ଦୈନିକ ହଜାର ହଜାର ଜନସାଧାରଣ ଶହ ଶହ ଯାନବାହାନ ଯାତାୟାତ ସାଙ୍ଗକୁ ଅବାଧରେ ଜାତୀୟ ରାଜପଥ କଡରେ ହେଉ କିମ୍ବା ସହର ମଧ୍ୟରେ ବେଆଇନ ପାର୍କିଂ ଆହୁରି ଟ୍ରାଫିକ ସମସ୍ୟାକୁ ଦୁଇଗଣିତ କରୁଛି।ଆସିକା ଜିଲ୍ଲାର ସର୍ବପୁରାତନ ସହର ହୋଇଥିବା ଯୋଗୁଁ ଏହାର ନକ୍ସା ଅନ୍ୟ ସମସ୍ତ ସହର ଠାରୁ ସମ୍ପୂର୍ଣ ଭିନ୍ନ ଅଟେ ଆସିକା ବିଜୁପଟ୍ଟନାୟକ ଛକ ଠାରୁ ଲକ୍ଷ୍ମୀ ବଜାର ଛକ ମଧ୍ୟରେ ବେଆଇନ ପାର୍କିଙ୍ଗ ଯୋଗୁଁ ଟ୍ରାଫିକ ସମସ୍ୟା ଦିନକୁ ଦିନ ଉତ୍କଟ ସମସ୍ୟା ହେବାକୁ ଲାଗିଲାଣି। ଆସିକା ସହର ମଧ୍ୟରେ ମୁଖ୍ୟତଃ ସୁନାମ୍ବ ସାହି ଛକ ଠାରୁ ମହାତ୍ମାଗାନ୍ଧୀ ରୋଡ଼,ହାଟପଦା ଠାରୁ ଓ ଅଶୋକ ସିନେମାହଲ ରାସ୍ତା, କୁମ୍ଭାର ସାହି ଓ ଖମ୍ବେଶ୍ୱରୀ ପାଟଣା ଦେଇ ଲକ୍ଷ୍ମୀ ବଜାର ଏବଂ ବସଷ୍ଟାଣ୍ଡ ଯିବାକୁ ଏକ ବିକଳ୍ପ ରାସ୍ତା।

ଏହି ରାସ୍ତା ଗୁଡିକ ବହୁତ ସଂକୀର୍ଣ୍ଣ ଓ ଅଙ୍କା ବଙ୍କା ହେବା ସାଙ୍ଗକୁ ରାସ୍ତା ଉପରେ ବେଆଇନ ଗାଡି ପାର୍କିଙ୍ଗ ଯୋଗୁଁ ପ୍ରତିଦିନ ଟ୍ରାଫିକ ଜାମରେ ସ୍କୁଲ,କଲେଜ ଯାଉଥିବା ଛାତ୍ର ଛାତ୍ରୀ ଓ ବିଭିନ୍ନ କାର୍ଯ୍ୟାଳୟକୁ ଯାଉଥିବା ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସକାଳ ସମୟରେ ସୋନା ମିଞ୍ଜିନ ଟାଉନହଲ ଓ ବିନାୟକ ବଜାରରେ ପରିବା ହାଟ ବସୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଲାଗିରହୁଛି । ଅନୁରୂପ ଦିବା ସମୟରେ ଦିବା ସମୟରେ ବଜାର ମଧ୍ୟରେ ଥିବା କିଛି ବ୍ୟାଙ୍କ ଯୋଗୁଁ ମଧ ଟ୍ରାଫିକ ସମସ୍ୟା ଉତ୍କଟ ରୂପ ନେଉଛି। ଏହି ଦୁଇ ପ୍ରମୁଖ ରାସ୍ତାରେ ଥିବା ଉଭୟ ପାର୍ଶ୍ୱରେ ଦୁଇ ଚକିଆ ଓ ଚାରି ଚକିଆଯାନ ରହିବା ସାଙ୍ଗକୁ ଏହି ସବୁ ସାହିର ରାସ୍ତା ସଂକୀର୍ଣ୍ଣ ସାଙ୍ଗକୁ ଗୃହକର୍ତ୍ତାଙ୍କ ଜବରଦଖଲ ଯୋଗୁଁ ଅସମ୍ଭାଳ ଟ୍ରାଫିକ ସମସ୍ୟାରେ ଅଞ୍ଚଳବାସୀ ନୟାନ୍ତ ହୋଇସାରଲେଣି । ଗତ ୨୦୧୯ମସିହାରେ ତତ୍କାଳୀନ ପ୍ରଶାସନିକ ଅଧିକାରୀ ଜବରଦଖଲ ଉଚ୍ଛେଦ କରିଥିଲେ। କିନ୍ତୁ ତାହା ଆସି ଅଧାରେ ଅଟକି ଯାଇଥିଲା। ହେଲେ ଆସିକା ପୌର ପରିଷଦ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପାଇଁ ରାଜସ୍ୱ ବିଭାଗକୁ ପତ୍ର ଲେଖି ଚୁପଚାପ ବସି ରହୁଥିବାର ନଜିର ରହିଛି। ରାଜସ୍ୱ ବିଭାଗ କେବଳ ଧର୍ମକୁ ଆଖିଠାର ଭଳି କିଛି ବଡ଼ ବଡ଼ ବ୍ୟବସାୟୀମାନଙ୍କୁ ନୋଟିସ ଜବର ଦଖଲ ଉଚ୍ଛେଦ ପାଇଁ ଦିଆଯାଏ। ଏନେଇ ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ପ୍ରତିକ୍ରିୟାରେ ଯଥା ଶୀଘ୍ର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ନେଇ ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ

କଣ୍ଟିଲୋ,(ନି.ପ୍ର) ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।ଖଣ୍ଡପଡ଼ା




ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଖଣ୍ଡପଡା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରୁ ଛାତ୍ର ଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।ସମାଜର ପ୍ରତ୍ୟେକ ନାଗରିକଙ୍କୁ ସ୍ୱାକ୍ଷର କରାଇବା ସହ ଶିକ୍ଷାର ମହତ୍ୱ ସଂପର୍କରେ ସମସ୍ତଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।ବିଆରସିସି ନାରାୟଣ ଦାଶ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ,ପ୍ରଦୀପ୍ତ କୁମାର ସାହୁ,ବିଆରସିସି ନାରାୟଣ ଦାଶ,ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ବିଆରଟି ପ୍ରଶାନ୍ତ ବେହେରା,କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଗ୍ରୀଡ ପ୍ରକଳ୍ପ ପ୍ରତିଷ୍ଠା ହେବ

କଣ୍ଟିଲୋ,(ନି.ପ୍ର): ବହୁ ପ୍ରତୀକ୍ଷିତ ବିଦ୍ୟୁତ ଗ୍ରୀଡ ପ୍ରକଳ୍ପ ଖଣ୍ଡପଡ଼ାରେ ଖୁବଶୀଘ୍ର ପ୍ରତିଷ୍ଠା ହେବ।ରାଜ୍ୟ କ୍ୟାବିନେଟ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଥିବା ସଂପର୍କରେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ତରଫରୁ ଅନେକ ଅନେକ ଶୁଭେଚ୍ଛା ଜଣାଇଛନ୍ତି। ଦୀର୍ଘ ବର୍ଷ ପରେ ବିଦ୍ୟୁତ ଗ୍ରୀଡ ପ୍ରକଳ୍ପକୁ କ୍ୟାବିନେଟ ମଞ୍ଜୁରୀ ମିଳିଥିବାରୁ ସମଗ୍ର ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀ ଆନନ୍ଦ ପ୍ରକାଶ କରିଛନ୍ତି।ଖଣ୍ଡପଡ଼ା ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ ନିମନ୍ତେ ନୂତନ ବିଦ୍ୟୁତ ଗ୍ରୀଡ ପ୍ରକଳ୍ପଟି ବେଶ ସହାୟକ ହେବା ସହ ଦୀର୍ଘ ବର୍ଷ ପରେ ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହେବ ବୋଲି ଜଣାପଡିଛି।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକ ଗୁରୁତର

ହିଞ୍ଜିଳିକାଟୁ,(ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସୋମପୁର ଛକ ନିକଟରେ ବୁଧବାର ଅପରାହ୍ନରେ ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣଙ୍କ ହେଲେ ଗାଙ୍ଗପୁର ଥାନା ଲୁଣିପଡା ଶାସନ ଗ୍ରାମର ସାହିଲ ବିଷୋୟୀ (୧୮)। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ଭଦ୍ରକ: ଚାକିରି ଦେବା ନାଁରେ ଠକେଇ, ଜଣେ ଗିରଫ



ଭଦ୍ରକ,(ନିପ୍ର): ସରକାରୀ ଚାକିରି କରାଇ ଦେବା ନାଁରେ ଠକୁଥିବା ଜଣେ ଠକକୁ ଦୀଘାରୁ ବାନ୍ଧିଛି ଭଦ୍ରକ ଟାଉନ ପୋଲିସ। ଯୁବକ ଜଣକ ହେଲେ ଧାମନଗର ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ । ସେ ଭଦ୍ରକ ଟାଉନ ଥାନା ଅଧୀନ ଜଗନ୍ନାଥପୁର ଅଞ୍ଚଳରେ ରହି ନିଜର ଜାଲ ବିଛାଉଥିଲା । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟାକ୍ତିଗତ ସଚିବ ସହ ଅନେକ ହାଇପ୍ରୋଫାଇଲଙ୍କ ସହ ନିଜର ଫଟୋ ଦେଖାଇ ଲୋକମାନଙ୍କୁ ଠକୁଥିଲା । ବଡ଼ ବଡ଼ ଲୋକଙ୍କ ସହ ସଂପର୍କ ଥିବା କହି ଅନେକ ଚାକିରି ଆଶାୟୀଙ୍କ ଠାରୁ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିଲେ। ଅଭିଯୋଗ ପରେ ବହୁ ଚନାଚନା କରି ପଶ୍ଚିମବଙ୍ଗ ଦୀଘାରୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।

# ‘ସାକ୍ଷର ହେବା ନିହାତି ଆବଶ୍ୟକ’

କୁଚିଣ୍ଡା,(ନିପ୍ର):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର କୁଟୁରାଚୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ୬୦ତମ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି । କୁଟୁରାଚୁଆଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର




ନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସାଂପ୍ରତିକ ସ୍ଥିତିରେ ସାକ୍ଷର ହେବା ନିହାତି ଆବଶ୍ୟକ। ତେଣୁ ଏଥିପ୍ରତି ସମସ୍ତେ ସଚେତନ ହେଲେ ସମାଜରେ ପରିବର୍ତ୍ତନ ଆସିବ । କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ,ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରୀତା ନାୟକ, ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ, ପୂର୍ବତନ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଟେଲ,ପୂର୍ବତନ ସହକାରୀ ଶିକ୍ଷକ ପ୍ରତାପ ଶେଖର ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସଂସ୍କୃତ ଶିକ୍ଷକ ରତିକେଶ ଷଡଙ୍ଗୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ ସିଆରସିସିଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ସଞ୍ଜୟ ନାଗ,ତପସ୍ୟା ବାଘ,ଶରତ ପଶାୟତ,ହରେଷ ପଟେଲ,ଯୋଗିନ୍ଦ୍ର ନାୟକ,ନବୀନ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ପଟେଲ,ଅଶିମ ପାଣିଗ୍ରାହୀ, ଶିକ୍ଷକ ସୌଭାଗ୍ୟ ପଟେଲ,ରାଜ ପ୍ରଧାନ, ବଳରାମ ସାହୁ, କଳାକର କିଷାନ, ଶିକ୍ଷୟିତ୍ରୀ ଲକ୍ଷ୍ମୀ ନାୟକ,ସୁରଭି ନାୟକ,ଯମୁନା ପୂରୋହିତ,ସୁପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଖଣ୍ଡପଡ଼ା ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଖଣ୍ଡପଡ଼ା,(ନି.ପ୍ର)ଖଣ୍ଡପଡ଼ା ଜୋନସ୍ତରୀୟ କବାଡି ଓ ଖୋ ଖୋ ପ୍ରତିଯୋଗିତା ଖଳିସାହି ଗ୍ରାମସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ ୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।ଖଣ୍ଡପଡ଼ା ବ୍ଲକସ୍ତରୀୟ କ୍ରୀଡା ସଙ୍ଗଠନର ସଂପାଦକ ବିଜୟ କୁମାର ମହାପାତ୍ର,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ,ପ୍ରଦୀପ କୁମାର ସାହୁ, ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲିପସା ନନ୍ଦ,ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥ,ଫାଲଗୁନି ମହାପାତ୍ର ଓ କ୍ରୀଡା ଶିକ୍ଷକ ଦୁର୍ଗାମାଧବ ମହାପାତ୍ର,ଅହଲ୍ୟା ନାୟକ,ବିକ୍ରମ କୁମାର ରାଉତ ପ୍ରମୁଖ କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନ ଆଗାମୀ ଦିନରେ ଖଣ୍ଡପଡ଼ା ବ୍ଲକସ୍ତରରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

## ଆଭାସି ମାଧ୍ୟମରେ ସରକାରୀ ଓକିଲଙ୍କ ସମନ୍ୱୟ ବୈଠକ

# ମାମଲାର ସଠିକ ପରିଚାଳନା ଉପରେ ଗୁରୁତ୍ୱ

ପାରଳାଖେମୁଣ୍ଡି,(ନିପ୍ର): ଶୂନ୍ୟ ଅପରାଧ ସହନଶୀଳତାକୁ ନଜରରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗୃହ ବିଭାଗର ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ କାନୁନଗୋ ସମାଜରେ ବୃଦ୍ଧି ପାଉଥିବା ଅପରାଧର କିପରି ହ୍ରାସ ଘଟିବ ତଥା ସମସ୍ତ ଜନସାଧାରଣଙ୍କୁ ଦ୍ୱରିତ ନ୍ୟାୟ ମିଳିପାରିବ, ସେ କଥାକୁ ଚିନ୍ତା କରି ଗଜପତି ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ତଥା ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ମୁଖ୍ୟାଳୟରେ ସ୍ଥିତ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟରେ ଗଜପତି ଜିଲ୍ଲାର ସମସ୍ତ ପ୍ରସିକ୍ୟୁଟରଙ୍କୁ ନେଇ ଆଜି ଭର୍ଚ୍ୟୁଆଲ (ଆଭାସି) ମାଧ୍ୟମରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଖାପାଖି ଏକ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଜିଲ୍ଲା ନ୍ୟାୟାଳୟର ସମସ୍ତ ପ୍ରସିକ୍ୟୁଟର ତଥା ମୋହନା ନ୍ୟାୟାଳୟର ସରକାରୀ ଓକିଲ ସୁଶାନ୍ତ ମଲ୍ଲିକ ଓ ଆର. ଉଦୟଗିରି ନ୍ୟାୟାଳୟର ସରକାରୀ ଓକିଲ ଦୁର୍ଯ୍ୟୋଧନ କରଡ ଉପସ୍ଥିତ



ରହିଥିଲେ। ଉକ୍ତ ବୈଠକରେ ମୁଖ୍ୟତଃ ମାମଲାର ତଥ୍ୟାବଳୀ କିପରି ପ୍ରସ୍ତୁତ କରାଯିବ ଏବଂ ତଦନ୍ତ ପ୍ରକ୍ରିୟାରେ ଥିବା ତ୍ରୁଟି-ବିଚ୍ୟୁତିକୁ କିପରି ସୁଧରାଯିବ, ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହା ସହିତ ଜନସାଧାରଣଙ୍କ ନିକଟତର ହୋଇ କିପରି ଦ୍ୱରିତ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଯାଇପାରିବ, ସେ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

ଏତଦବ୍ୟତୀତ ସର୍ବ ପ୍ରଥମେ ଯୁଗ୍ମ ନିର୍ଦ୍ଦେଶକ ଅଜିତ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ବୈଠକରେ ବିଭିନ୍ନ ସଙ୍ଗିନ ମାମଲାରେ ଅଭିଯୋଜକମାନେ ନ୍ୟାୟାଳୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଏହି ପ୍ରସଙ୍ଗରେ ବିଶେଷ ଭାବେ ମାନ୍ୟବର ସୁପ୍ରିମକୋର୍ଟଙ୍କର ବିଭିନ୍ନ ଦିଶା ନିର୍ଦ୍ଦେଶ ଉପରେ ମଧ୍ୟ ଆଲୋଚନା କରାଯାଇ କିପରି ଦଣ୍ଡ ହାର ବୃଦ୍ଧି କରାଯାଇପାରିବ ସେ ନେଇ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସେହିପରି ପୋକ୍ସୋ ମାମଲା ଓ ଗଞ୍ଜେଇ ଚାଲାଣ ମାମଲାରେ କିପରି ଦଣ୍ଡ ବିଧାନ କରାଯାଇ ଦୋଷୀଙ୍କୁ ସଜା ଦିଆଯାଇପାରିବ ସେ ନେଇ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଏମ. ପୃଥ୍ୱୀରାଜ ଓ କେ. ତାତେୟା ନିଜର ମତ ରଖିଥିଲେ।

## ଅଣୁସାର ପ୍ରୟୋଗ ନେଇ କର୍ମଶାଳା

ଭାପୁର,(ନିପ୍ର): ଜମିରେ ଅଣୁସାର ପ୍ରୟୋଗର ଉପକାରିତା ଉପରେ ଏକ କର୍ମଶାଳା ଭାପୁର ବ୍ଲକ ବିଜିପୁର ଗ୍ରାମରେ ଅବସ୍ଥିତ ସାଇ ମଣ୍ଡପ ରେ ମଙ୍ଗଳ ବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ରେ ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଅଣୁସାରର ଉପକାରିତା ଓ୍ ପ୍ରାକୃତିକ ଉପରେ କୀଟ ଦମନ କିପରି ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ଯେଉଁ ସାର ପ୍ରୟୋଗ ହେଉଛି ଚାଷ ଜମିର ଉର୍ବରତା କମିଯାଉଥିବା ନେଇ ଆଲୋଚନା ହୋଇଥିଲା । ତେଣୁ, ଅଣୁସାର ପ୍ରୟୋଗ ଉପରେ ଏହି କର୍ମଶାଳା ରେ ଗୁରୁତ୍ୱ ଦିଆଯାଇ ଚାଷୀମାନେ କିପରି ଏହାର ବ୍ୟବହାର କରିବେ ଏବଂ ତାର ଉପକାରିତା ଉପରେ ବିଭାଗୀୟ ଅଧିକାରୀମାନେ ଚାଷୀଙ୍କୁ ବୁଝାଇଥିଲେ। ଏହି ଅଣୁସାର ପ୍ରୟୋଗ କରି ଲାଭବାନ ହୋଇଥିବା ଚାଷୀମାନଙ୍କୁ କୃଷି ବିଭାଗ ତରଫରୁ ସମ୍ମାନିତ କରାଯାଇଥିଲା। କର୍ମଶାଳାରେ ମୁଖ୍ୟ ଜ଼ିଲ୍ଲା କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର,ଜ଼ିଲ୍ଲା କୃଷି ଅଧିକାରୀ ଜଲ୍ଲଦ ପ୍ରଭା ଆଚାର୍ଯ୍ୟ,ବ୍ଲକ କୃଷି ଅଧିକାରିଣୀ ମୁକ୍ତିଲିନା ମଲ୍ଲୀକା,ଆତ୍ମାର ଚେୟାରମ୍ୟାନ ଶଶୀଭୂଷଣ ରାଉତରାୟ ଆଦି ଯୋଗଦେଇଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଚେତନତା

କୃଷ୍ଣପ୍ରସାଦ,(ନିପ୍ର): ମାନସିକ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ, ଆଜିର ଡିଜିଟାଲ ଦୁନିଆରେ ଯୁବପିଢ଼ି ମାନେ ଅନେକ ମାନସିକ ସ୍ୱାସ୍ଥ୍ୟ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ଏନଜିଓ ଆଇଏସଇଆରଡ଼ି ତରଫରୁ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ରୁକ୍ମଣୀ ଦେବୀ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ରୁକ୍ମଣୀ ଦେବୀ




ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ନୂଆପଡା ପରିସରରେ ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ପାଠ ପଢ଼ା,ପରୀକ୍ଷାର ଚାପ, ସୋସିଆଲ ମିଡିଆର ଅପବ୍ୟବହାର, ନିଶା ଦ୍ରବ୍ୟ ବ୍ୟବହାରର କୁପ୍ରଭାବ ଦିଗରେ ସଚେତନତା ସୃଷ୍ଟି କରିଥିଲେ । ଆଜିର ଯୁବପିଢ଼ି କିଭଳି ସେମାନେ ନିଜର ମାନସିକ ସମସ୍ୟାର ସହଜ ସମାଧାନ କରିପାରିବେ ସେଦିଗରେ ଏନଜିଓର କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ । ଏଥିରେ ଦୁଇ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ, ଏନଜିଓର କର୍ମକର୍ତ୍ତା ମାନେ ଅଂଶ ଗ୍ରହଣ କରିଥିଲେ ।

# ‘ଭିନ୍ନକ୍ଷମ ଅଧିକାର ସାମାଜିକ ଦାୟିତ୍ୱବୋଧର ପରିଚାୟକ’

ବ୍ରହ୍ମପୁର,(ନିପ୍ର): ଭିନ୍ନକ୍ଷମ ଅଧିକାର ଅଧିନିୟମ, ୨୦୧୬ ସଂପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଓଡିଶା ଉଚ୍ଚତର ଶିକ୍ଷା ନିର୍ଦ୍ଦେଶାଳୟଙ୍କ ମିଳିତ ଆନୁକୁଲ୍ୟରେ, ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଭିନ୍ନକ୍ଷମ ଅଧିକାର ସଚେତନତା କାର୍ଯ୍ୟକ୍ରମ ଏବଂ ସଂପର୍କିତ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ, ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ବାରିକ, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା, ଅଧ୍ୟକ୍ଷ, ଶଶିଭୁଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ,ଡାକ୍ତର ଚିତ୍ତରଞ୍ଜନ ସତପଥୀ, ପ୍ରତିଯୋଗିତା ପରିଚାଳକ ଆର.କେ. ଶର୍ମା ଏବଂ ସହଯୋଗୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ୍ ଥିଲେ।

ସମାଜରେ ଭିନ୍ନକ୍ଷମମାନଙ୍କ ଅଧିକାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରି




ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବାରେ ପ୍ରତି ନାଗରିକର ଭୂମିକା ତଥା ଦାୟିତ୍ୱ ଉପରେ ମୁଖ୍ୟ ଅତିଥି ଆଲୋଚନା କରିଥିଲେ । ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ସାମାଜିକ ଦାୟିତ୍ୱବୋଧ ସଠିକ୍ ହୃଦୟଙ୍ଗମ କରି ସେମାନଙ୍କୁ ତାଙ୍କର ଅଧିକାର ପ୍ରଦାନ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିପାରିଲେ ଏହା ଏକ ସୁସ୍ଥ ତଥା ନ୍ୟାୟପର ସମାଜ ଗଠନ ଦିଗରେ ସହାୟକ ହୋଇପାରିବ । ଭିନ୍ନକ୍ଷମମାନେ ଯେପରି ସମାଜରେ ଅବହେଳିତ, ଲାଞ୍ଛିତ ତଥା ନ୍ୟୁନ ସାବ୍ୟସ୍ତ ନ ହୋଇ ସେମାନଙ୍କର ମୌଳିକ ଅଧିକାର ହାସଲ କରିପାରିବେ, ସେଥିପ୍ରତି ସତତ ଜାଗ୍ରତ ରହିବା ପ୍ରତ୍ୟେକ ନାଗରିକର ନୈତିକ କର୍ତ୍ତବ୍ୟ ତଥା ସାମାଜିକ ମୂଲ୍ୟବୋଧ ବୋଲି ଏହି ଅବସରରେ ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ନାରାୟଣ ବେହେରା କହିଲେ ଯେ, ଭିନ୍ନକ୍ଷମ ଅଧିକାର ଅଧିନିୟମ, ୨୦୧୬ ହେଉଛି ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ୍, ଯାହା ପୂର୍ବର ୧୯୯୫ ମସିହାର ଆଇନକୁ ବଦଳାଇ ଲାଗୁ କରାଯାଇଛି । ପୂର୍ବ ଆଇନରେ କେବଳ ୭ପ୍ରକାରର ଅକ୍ଷମତା ସାମିଲ୍ ଥିବା ବେଳେ, ୨୦୧୬ ଆଇନ୍‌ରେ ଏହାକୁ ବୃଦ୍ଧି କରାଯାଇ ୨୧ ପ୍ରକାର କରାଯାଇଛି। ଏହି ଅଧିନିୟମ ଦ୍ୱାରା ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷଙ୍କ ଶିକ୍ଷା, ସାମାଜିକ ସୁରକ୍ଷା, ନିଯୁକ୍ତି ଓ ସ୍ୱତନ୍ତ୍ର ଯୋଜନା ତଥା ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଭୃତି କ୍ଷେତ୍ରରେ ସୁନିଶ୍ଚିତ ଆରକ୍ଷଣର ବ୍ୟବସ୍ଥା କରାଯାଇ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣର ପ୍ରତିଶତକୁ ନିର୍ଦ୍ଦିଷ୍ଟ କରାଯାଇଛି । ବିଶେଷ କରି ଦିବ୍ୟାଙ୍ଗ ମହିଳା ଓ ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପର ପ୍ରାବଧାନ କରାଯାଇ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରାଯାଇଛି । ସମାନତା, ସୁରକ୍ଷା ଏବଂ ଆତ୍ମସମ୍ମାନପୂର୍ଣ୍ଣ ଜୀବନ ସୁନିଶ୍ଚିତ କରାଯାଇଛି । ସମାଜରେ ଭିନ୍ନକ୍ଷମମାନଙ୍କ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଦିଗରେ ଯୁବ ସମାଜର ଭୂମିକା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ । ଏହି ଉଦ୍ଦେଶ୍ୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ କୁଇଜ୍ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଡିଗ୍ରୀ କଲେଜର ଛାତ୍ରଛାତ୍ରୀମାନେ ଭିନ୍ନକ୍ଷମ ଅଧିକାର ସଂପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି କୁଇଜ୍ ପ୍ରତିଯୋଗିତା ଭିନ୍ନକ୍ଷମ ଅଧିକାର ଦିଗରେ ବିଭିନ୍ନ ଅସମାହିତ ପ୍ରଶ୍ନର ଯଥାଯଥ ଉତ୍ତର ତଥା ନିର୍ଯ୍ୟାସ ବାହାର କରିବାରେ ସହାୟକ ହୋଇଥିଲା । କାର୍ଯ୍ୟକ୍ରମରେ ଡ଼କ୍ଟର ରୋହିତ ପାରାଭୋଇ, ଡ଼କ୍ଟର ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ତିଥି :(ଚତୁର୍ଦ୍ଦଶୀ): (ମଘା ସିଂହ)
ଅମୃତ ବେଳା: ରାତ୍ରୀ ଘ ୧ ।୪ ଗତେ ଘ୩।୨୮ ଗତେ

## ଆଜିର ଅନୁଚିନ୍ତନ

ମୁଁ ଅଜ ଓ ଅବିନାଶୀସ୍ୱରୂପ ହୋଇଥିଲେ ମଧ୍ୟ ତଥା ପ୍ରାଣୀମାନଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ନିଜର ଯୋଗମାୟା ବଳରେ ପ୍ରକଟ ହୁଏ। - ଶ୍ରୀମଦ୍ ଭଗବଦ୍ ଗୀତା

# ଓରାଙ୍ଗଓଟାନ୍ ଚୋରାଚାଲାଣ !

ବାଲେଶ୍ୱର ଭୋଗରାଇ ବ୍ଲକର ବିଚିତ୍ରପୁର ସଂରକ୍ଷିତ ଜଙ୍ଗଲରୁ ୫ ଓରାଙ୍ଗଓଟାନ୍ ଶାବକ ଉଦ୍ଧାର ହେବା ଘଟଣା ଆଦୌ ସ୍ୱାଭାବିକ ନୁହେଁ, ଅଥଚ ସମ୍ବେଦନଶୀଳ। କାରଣ ଏ ପ୍ରାଣୀ ଓଡ଼ିଶା କ'ଣ ସମଗ୍ର ଭାରତ ବର୍ଷର କୌଣସି ରାଜ୍ୟର ଜଙ୍ଗଲରେ ସନ୍ଦିଗ୍ଧ ଭାବରେ ଠାବ ହେବା ପୂର୍ବରୁ କେବେ ଦେଖାଯାଇଥିବାର ନଜିର ନାହିଁ। ତେବେ ଏହି ବାନର ଜାତୀୟ ପ୍ରାଣୀଙ୍କୁ କିଏ କାହିଁକି , କେଉଁ ପରିସ୍ଥିତିରେ ଆଣି ଏଠାରେ ଛାଡ଼ିଲେ ତାହା ରହସ୍ୟଘେରରେ ରହିଛି। ଅବଶ୍ୟ ଏପରି ବନ୍ୟାପ୍ରାଣୀଙ୍କ ସୁରକ୍ଷା ତଥା ପୋଷଣ ଦୃଷ୍ଟିରୁ ନନ୍ଦନକାନନ ଯୋଗ୍ୟ ସ୍ଥାନ। ତେଣୁ ପରବର୍ତ୍ତୀ ସମୟରେ ସେଠାକୁ ଏହି ଶାବକମାନଙ୍କୁ ପଠାଇ ଦିଆଗଲା। ସାଧାରଣତଃ ଏପରି ପ୍ରାଣୀ ଇଣ୍ଡୋନେସିଆ, ସୁମାତ୍ରା ଆଦିର ସନ୍ତସନ୍ତିଆ ଜଙ୍ଗଲ ଅଞ୍ଚଳରେ ଅଧିକାଂଶ ସମୟ ଗଛ ଉପରେ ଦଳ ବନ୍ଧ ହୋଇ ରହୁଥିବାବେଳେ ବିଚିତ୍ରପୁର ସଂରକ୍ଷିତ ଜଙ୍ଗଲରେ ହଠାତ୍ ଆବିର୍ଭାବ ହେବା ପଛରେ ଆନ୍ତର୍ଜାତିକ ଚୋରା ଚାଲାଣକାରୀଙ୍କ କାରାନାମାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଯାହା ମନେହୁଏ ଚାଲାଣକାରୀ ସମୁଦ୍ର ପଥରେ ଏଠାକୁ ଆଣି ଅନ୍ୟ କେଉଁଆଡ଼କୁ ଚୋରାଚାଲାଣ କରିଥାନ୍ତେ। ମାତ୍ର କୌଣସି କାରଣ ନେଇ ବାଧା ଥିବା ହେତୁ ସଂପୃକ୍ତ ସ୍ଥାନରେ ଛାଡ଼ି ଚାଲିଗଲେ। ବିଲୁପ୍ତପ୍ରାୟ ଏହି ପ୍ରାଣୀଙ୍କ ଚୋରାଚାଲାଣ କାରଣରୁ ସଂଖ୍ୟା ହ୍ରାସ ପାଉଥିବା କୁହାଯାଏ।

ପ୍ରଶ୍ନ ଉଠୁଛି ମା' ଓରାଙ୍ଗଓଟାନ୍ ଯେ ପର୍ଯ୍ୟନ୍ତ ଶାବକ ୭/୮ ବର୍ଷର ହୋଇନାହାନ୍ତି ସେମାନଙ୍କୁ ଛାଡ଼ି କୁଆଡ଼େ ଯାଏ ନାହିଁ। ମାତ୍ର ଭୋଗରାଇ ଘଟଣାରେ ଶାବକ ଠାବ ହେବା ଓ ମା ଉଭାନ ହେବା ଭିନ୍ନ ପ୍ରଶ୍ନ ସୃଷ୍ଟି କରେ। ସଂପୃକ୍ତ ସ୍ଥାନରୁ କିଛି ଗ୍ଲୋବ୍ସ ଓ ଥାର୍ ଗାଡ଼ିରେ ସନ୍ଦିଗ୍ଧ ବ୍ୟକ୍ତି ଆସିଥିବା ନେଇ ଯାହା ଚର୍ଚ୍ଚା ହେଉଛି ତାହାକୁ ଯଦି ଗତ ୧୫ ଦିନର ନିକଟବର୍ତ୍ତୀ ଅଞ୍ଚଳର ସିସିଟିଭି ଆଧାରରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଏ, ତେବେ ନିଶ୍ଚୟ ଏହି ରହସ୍ୟ ଉପରୁ ପର୍ଦ୍ଦା ହଟିପାରେ। ହୋଇପାରେ ଏକ ବା ଏକାଧିକ 'ଜଙ୍ଗଲୀ ବାବୁ' ଏଥିରେ ସଂପୃକ୍ତ ଥାଇପାରନ୍ତି। ଯଦି ସେହି 'ଜଙ୍ଗଲୀବାବୁ'ମାନଙ୍କୁ ଝାଳବୁହା ଜେରା କରାଯାଆନ୍ତା, ତେବେ କିଛି ସୁରାକ ମିଳିପାରନ୍ତା। ପ୍ରଶ୍ନ ଉଠୁଛି ହଠାତ୍ ଗୋଟିଏ କି ଦୁଇଟି ନୁହେଁ, ଏକାବେଳକେ ପାଞ୍ଚଟି ଶାବକ ଆବିର୍ଭାବ ହେବା ଓ ବନବିଭାଗର ଗୁଇନ୍ଦା ଟିମ୍ ଆଗୁଆ ଏ ସଂପର୍କରେ ଜାଣି ନ ପାରିବା ବିଭାଗୀୟ ନିଷ୍କ୍ରିୟତାକୁ ଅଧିକ ପ୍ରହେଳିକା ଭିତରକୁ ଠେଲି ଦେଇଛି ବୋଲି କୁହାଯିବା ଅସଙ୍ଗତ ହେବନାହିଁ। ଅନ୍ତର୍ଜାତୀୟ ଚୋରା କାରବାର ସନ୍ଦେହ ଦୃଢ଼ୀଭୂତ ହେଉଥିବାରୁ ବିଶେଷ କରି ଜଙ୍ଗଲୀ ଜନ୍ତୁଙ୍କ ଚୋରା ଶିକାର ଓ ଚୋରାଚାଲାଣ ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ଠାବ କରି ବ୍ୟାପକ ପଚରାଉଚରା କରାଗଲେ ହୁଏତ ମିଳିପାରନ୍ତା କିଛି ସଂକେତ ବା ବାର୍ତ୍ତା । ଏପରି ବନ୍ୟପ୍ରାଣୀଙ୍କ ମୂଲ୍ୟ ୨୦ରୁ ୨୫ ଲକ୍ଷ ଟଙ୍କା କୁହାଯାଉଥିଲେ ହେଁ ଯେହେତୁ ଏହା ବିଲୁପ୍ତପ୍ରାୟ ଶ୍ରେଣୀର ତେଣୁ ଏହାର ମୂଲ୍ୟ ଅନ୍ତର୍ଜାତୀୟ ସ୍ତରରେ ଏହାଠାରୁ ଯଥେଷ୍ଟ ହୋଇପାରେ। ସୁତରାଂ ସଂପୃକ୍ତ ସନ୍ଦିଗ୍ଧ ତସ୍କରଙ୍କୁ ଠାବ କରିବା ଓ ସେଠାକୁ ଯାଞ୍ଚରେ ଯାଇଥିବା ଏସ୍‌ଟିଏଫ୍ ପାଇଁ ବିଭିନ୍ନ ଦିଗ ରହସ୍ୟ ଭେଦ ବଡ଼ ଚାଲେଞ୍ଜ। ସହଜେ ହାତୀଦାନ୍ତ, ବାଘ ଚମଡ଼ା, ବଜ୍ରାକାପ୍ତା, ବିରଳ କଇଁଛ ପ୍ରଭୃତିର ଚୋରାଚାଲାଣର ପେଣ୍ଠ ଭାବରେ ଆମ ରାଜ୍ୟ ବଦନାମ ମୁଣ୍ଡାଇଥିବା ଢେର୍ ଦିନରୁ ଚର୍ଚ୍ଚା ହୋଇଆସିଛି।

ଏ ପରିପ୍ରେକ୍ଷୀରେ ଓରାଙ୍ଗଓଟାନ୍ ଏହି ଚୋରାକାରବାର ତାଲିକାରେ ହୁଏତ ଯୋଡ଼ି ହୋଇଛି। ବନବିଭାଗର ବରିଷ୍ଠ ଅଧିକାରୀ ସର୍ବୋପରି ରାଜ୍ୟ ସରକାରଙ୍କ ପକ୍ଷେ ଘଟଣାର ପର୍ଦ୍ଦାଫାସ ଏକ ବଡ଼ ଚାଲେଞ୍ଜ। ସନ୍ଦିଗ୍ଧଙ୍କୁ ଧରାଗଲେ ଏହା ପଛରେ କେଉଁ ବଡ଼ ବଡ଼ ତସ୍କରମାନେ ଅଛନ୍ତି, ଅବା ବିଭାଗୀୟ ବଡ଼ବାବୁ ଅଛନ୍ତି ତାହା ଜଣାପଡ଼ିପାରନ୍ତା ବୋଲି ଅଞ୍ଚଳରେ ଟିପ୍ପଣୀ ପ୍ରକାଶ ପାଇବା ଆରମ୍ଭ ହେଲାଣି। ରାଜ୍ୟ ସରକାର ଏ ଦିଗରେ ତତ୍ପର ହୁଅନ୍ତୁ।

"ଜଳଭୂମି, ପୋଖରୀ ଓ ପ୍ରାକୃତିକ ଜଳନିଷ୍କାସନ ପଥର ସୁରକ୍ଷା ଏଥିପାଇଁ ଏକ ମୁଖ୍ୟ ପଦକ୍ଷେପ। ଏଗୁଡ଼ିକ ନିର୍ମାଣ ପାଇଁ ଅପେକ୍ଷା କରିଥିବା ଖାଲି ଜମି ନୁହେଁ। ପ୍ରବଳ ବର୍ଷା ସମୟରେ ଏଗୁଡ଼ିକ ପ୍ରାକୃତିକ ଜଳଧାରଣ କ୍ଷେତ୍ର ଭାବେ କାମ କରେ । ସ୍ୱଳ୍ପକାଳରେ ସେଗୁଡ଼ିକୁ ନଷ୍ଟ କରି ସହରକୁ ଅଧିକ ବିକଶିତ ଦେଖାଇହେବ, କିନ୍ତୁ ଦୀର୍ଘକାଳରେ ଏହା ବନ୍ୟା ସମସ୍ୟାକୁ ଆହୁରି ଗମ୍ଭୀର କରିପାରେ।

# ଓଡ଼ିଶାର ବନ୍ୟା ସମସ୍ୟା: ରିଲିଫ୍‌ରୁ ଦୀର୍ଘସ୍ଥାୟୀ ପ୍ରସ୍ତୁତି ଆଡ଼କୁ ଯିବାର ସମୟ

**ଦୁର୍ଗା ଚରଣ ସ୍ୱାଇଁ**

ବନ୍ୟା ଓଡ଼ିଶା ପାଇଁ ନୂଆ ଘଟଣା ନୁହେଁ। ଦୀର୍ଘ ସମୁଦ୍ରତଟ, ଅନେକ ନଦୀ ଏବଂ ପ୍ରବଳ ବର୍ଷା ଓ ବାତ୍ୟାପ୍ରବଣ ବିସ୍ତୃତ ଅଞ୍ଚଳ ଯୋଗୁଁ ରାଜ୍ୟ ଦୀର୍ଘଦିନ ଧରି ବନ୍ୟା ବିପଦର ସମ୍ମୁଖୀନ ହୋଇଆସିଛି। ବର୍ଷ ବର୍ଷ ଧରି ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଢ଼ି ତୋଳିଛି। ଆଗୁଆ ସତର୍କ ସୂଚନା, ଲୋକଙ୍କୁ ସ୍ଥାନାନ୍ତରଣ, ବାତ୍ୟା ଆଶ୍ରୟସ୍ଥଳୀ, ଉଦ୍ଧାରକାରୀ ଦଳ ଏବଂ ରିଲିଫ୍ କାର୍ଯ୍ୟ ଅନେକ ଜୀବନ ରକ୍ଷା କରିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ଓଡ଼ିଶାର ପଦକ୍ଷେପକୁ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଆଦର୍ଶ ଭାବେ ମଧ୍ୟ ଦେଖାଯାଏ।

**କିନ୍ତୁ ସମସ୍ୟାର ପ୍ରକୃତି ଏବେ ବଦଳୁଛି-**

ଚଳିତ ବର୍ଷ ବାରମ୍ବାର ଘଟିଥିବା ବନ୍ୟା ଦେଖାଇ ଦେଇଛି ଯେ ବିପର୍ଯ୍ୟୟ ପରିଚାଳନା କେବଳ ସ୍ଥାନାନ୍ତରଣ ଓ ରିଲିଫ୍‌ରେ ସୀମିତ ରହିପାରିବ ନାହିଁ। ଅତ୍ୟଧିକ ଜଳ ସହ କିପରି ନିରାପଦ ଭାବେ ବଞ୍ଚିହେବ, ଓଡ଼ିଶାକୁ ଏବେ ସେଥିପାଇଁ ଅଧିକ ଗମ୍ଭୀରତାର ସହ ଚିନ୍ତା କରିବାକୁ ହେବ ।

ସମ୍ପ୍ରତିର ବନ୍ୟାରେ ଅନେକ ନଦୀ ପ୍ରଣାଳୀ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ହଜାର ହଜାର ଲୋକଙ୍କୁ ପ୍ରଭାବିତ ଗାଁଗୁଡ଼ିକରୁ ସ୍ଥାନାନ୍ତର କରାଯାଇଛି। ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଯାଜପୁର ଓ ମୟୂରଭଞ୍ଜର କେତେକ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା, ବୈତରଣୀ, ସାଳନ୍ଦୀ ଓ ବୁଢ଼ାବଳଙ୍ଗ ନଦୀ ସମ୍ପ୍ରତିର ପରିସ୍ଥିତିକୁ ପ୍ରଭାବିତ କରିଛି।ବନ୍ୟାପ୍ରବଣ ଗାଁରେ ବସବାସ କରୁଥିବା ଲୋକଙ୍କ ପାଇଁ ବାରମ୍ବାର ବନ୍ୟାର ଅର୍ଥ ହେଉଛି ବାରମ୍ବାର କ୍ଷତି। ଘରଦ୍ୱାର କ୍ଷତିଗ୍ରସ୍ତ ହୁଏ, ରାସ୍ତା ଅଚଳ ହୋଇଯାଏ ଏବଂ ଚାଷଜମି ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହେ। ଗୃହପାଳିତ ପଶୁ ହାନି ହୋଇପାରେ ଏବଂ ସ୍କୁଲ୍ ବନ୍ଦ ରଖିବାକୁ ପଡ଼ିପାରେ। ପାଣି ହ୍ରାସ ପାଇବା ପରେ ମଧ୍ୟ ଲୋକମାନଙ୍କୁ କ୍ଷତିଗ୍ରସ୍ତ ରାସ୍ତା, ଦୂଷିତ ପାଣି ଓ ରୋଗବ୍ୟାଧିର ଆଶଙ୍କା ସହ ମୁକାବିଲା କରିବାକୁ ପଡ଼େ ।

**ସମସ୍ୟା କେବଳ ଗ୍ରାମୀଣ ଓଡ଼ିଶାରେ ସୀମିତ ନୁହେଁ-**

ସହରୀ ବନ୍ୟା ମଧ୍ୟ ଏକ ସମାନ ଗମ୍ଭୀର ଚିନ୍ତାର ବିଷୟ ହୋଇଉଠୁଛି। ନିକଟରେ ପ୍ରବଳ ବର୍ଷା ପରେ ରାଉରକେଲାରେ ଡ୍ରେନେଜ୍ ବ୍ୟବସ୍ଥା ଅତ୍ୟଧିକ ଜଳର ଚାପ ସମ୍ଭାଳି ନ ପାରିବାରୁ ଗୁରୁତର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସହରର ଭୂତଳ ସ୍ୱେରେଜ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା ଏବଂ ବର୍ଷାଜଳ ଉଲ୍ଟା ଦିଗକୁ ଫେରିଆସିଥିଲା। ବିଭିନ୍ନ ଡ୍ରେନେଜ୍ ବ୍ୟବସ୍ଥା ହଠାତ୍ ବଢ଼ିଯାଇଥିବା ବର୍ଷାଜଳର ପରିମାଣକୁ ସମ୍ଭାଳି ନ ପାରିବାରୁ ଅନେକ ସ୍ଥାନରେ ପାଣି ଜମି ରହିଥିଲା।

ଭୁବନେଶ୍ୱର ମଧ୍ୟ ପ୍ରବଳ ବର୍ଷା ପରେ ଗୁରୁତର ଜଳବନ୍ଦୀର ସମ୍ମୁଖୀନ ହୋଇଛି। ଦ୍ରୁତ ଗତିରେ ବଢ଼ୁଥିବା ରାଜଧାନୀ ସହର ପାଇଁ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ରାସ୍ତା, ଘର, କାର୍ଯ୍ୟାଳୟ ଓ ବଜାରରେ ଘଣ୍ଟା ଘଣ୍ଟା ଧରି ବର୍ଷାଜଳ ଜମି ରହିଲେ ସହରର ସାଧାରଣ ଜୀବନ ଓ କାର୍ଯ୍ୟକଳାପ ସ୍ୱାଭାବିକ ରହିପାରେ ନାହିଁ।

ସହରୀକରଣ ମଧ୍ୟ ଏହି ସମସ୍ୟାର ଏକ କାରଣ। ସହର ବିସ୍ତାରିତ ହେବା ସହ ପ୍ରାକୃତିକ ଜଳନିଷ୍କାସନ ପଥ ଓ ଜଳାଭୂମିଗୁଡ଼ିକ ଚାପରେ ପଡୁଛି ! ଖୋଲା ଜମିର ସ୍ଥାନ ନେଉଛି ଘର, ରାସ୍ତା ଓ କଂକ୍ରିଟ୍‌ର ଆବରଣ। ପୂର୍ବରୁ ଯେଉଁ ବର୍ଷାଜଳ ମାଟିରେ ଶୋଷିତ ହେଉଥିଲା, ଏବେ ତାହା ଦ୍ରୁତ ଗତିରେ ଡ୍ରେନ୍‌କୁ ପ୍ରବାହିତ ହେଉଛି। ଡ୍ରେନ୍‌ଗୁଡ଼ିକ ଛୋଟ ହେଲେ, ଅବରୋଧିତ ହେଲେ କିମ୍ବା ପରସ୍ପର ସହ ଠିକ୍ ଭାବେ ସଂଯୁକ୍ତ ନ ଥିଲେ ରାସ୍ତା ଓ ନିମ୍ନାଞ୍ଚଳରେ ପାଣି ଜମିଯାଏ।

ଏହାର ଅର୍ଥ ବିକାଶକୁ ବନ୍ଦ କରିଦେବା ନୁହେଁ। ଓଡ଼ିଶାକୁ ଉନ୍ନତ ରାସ୍ତା, ଆବାସ, ଶିକ୍ଷା ଏବଂ ସହରୀ ଭିତ୍ତିଭୂମି ଆବଶ୍ୟକ। କିନ୍ତୁ ବିକାଶର ଯୋଜନା ଓ କାର୍ଯ୍ୟାନ୍ୱୟନ ସମୟରେ ପ୍ରାକୃତିକ ଜଳପ୍ରବାହକୁ ସମ୍ମାନ କରିବାକୁ ହେବ !

ଜଳଭୂମି, ପୋଖରୀ ଓ ପ୍ରାକୃତିକ ଜଳନିଷ୍କାସନ ପଥର ସୁରକ୍ଷା ଏଥିପାଇଁ ଏକ ମୁଖ୍ୟ ପଦକ୍ଷେପ। ଏଗୁଡ଼ିକ ନିର୍ମାଣ ପାଇଁ ଅପେକ୍ଷା କରିଥିବା ଖାଲି ଜମି ନୁହେଁ। ପ୍ରବଳ ବର୍ଷା ସମୟରେ ଏଗୁଡ଼ିକ ପ୍ରାକୃତିକ ଜଳଧାରଣ କ୍ଷେତ୍ର ଭାବେ କାମ କରେ । ସ୍ୱଳ୍ପକାଳରେ ସେଗୁଡ଼ିକୁ ନଷ୍ଟ କରି ସହରକୁ ଅଧିକ ବିକଶିତ ଦେଖାଇହେବ, କିନ୍ତୁ ଦୀର୍ଘକାଳରେ ଏହା ବନ୍ୟା ସମସ୍ୟାକୁ ଆହୁରି ଗମ୍ଭୀର କରିପାରେ।

ଡ୍ରେନେଜ୍ ଯୋଜନାକୁ ମଧ୍ୟ ଏକ ନୂଆ ଦୃଷ୍ଟିକୋଣ ଆବଶ୍ୟକ। ଡ୍ରେନ୍‌ଗୁଡ଼ିକୁ ପୃଥକ୍ ପୃଥକ୍ ପ୍ରକଳ୍ପ ଭାବେ ଦେଖିବା ପରିବର୍ତ୍ତେ ସହରଗୁଡ଼ିକୁ ସମନ୍ୱିତ ଡ୍ରେନେଜ୍ ନେଟୱର୍କ ବିକଶିତ କରିବାକୁ ହେବ। ରାସ୍ତା, ବର୍ଷାଜଳ ନିଷ୍କାସନ ଡ୍ରେନ୍, ସ୍ୱେରେଜ୍ ବ୍ୟବସ୍ଥା, କେନାଲ୍ ଏବଂ ପ୍ରାକୃତିକ ଜଳାଶୟ ପରସ୍ପର ସହ ସମନ୍ୱିତ ଭାବେ କାମ କରିବା ଦରକାର।

ସ୍ଥାନୀୟ ସ୍ତରରେ ବନ୍ୟା ପୂର୍ବାନୁମାନ ବ୍ୟବସ୍ଥାକୁ ମଧ୍ୟ ଆହୁରି ସୁଦୃଢ଼ କରିବା ଆବଶ୍ୟକ। କେବଳ 'ପ୍ରବଳ ବର୍ଷା ହେବ' ବୋଲି ସାଧାରଣ ସତର୍କ ସୂଚନା ଦେବା ଯଥେଷ୍ଟ ନୁହେଁ। କେଉଁ ଗାଁ କିମ୍ବା କେଉଁ ରାସ୍ତାରେ ବନ୍ୟା ହେବାର ସମ୍ଭାବନା ରହିଛି, କେବେ ପାଣି ପହଞ୍ଚିପାରେ ଏବଂ ଲୋକମାନେ କେଉଁଠାକୁ ଯିବେ –ସେ ସୂଚନା ସେମାନଙ୍କ ପାଖରେ ସମୟରେ ପହଞ୍ଚିବା ଦରକାର।

ପ୍ରଯୁକ୍ତି ଏଥିରେ ସହାୟକ ହୋଇପାରେ। ଉପଗ୍ରହ ଚିତ୍ର, ପାଣିପାଗ ପୂର୍ବାନୁମାନ, ନଦୀଜଳସ୍ତର ମାପିବା ସେନ୍ସର ଏବଂ ମୋବାଇଲ୍ ସତର୍କ ସୂଚନା ମୂଲ୍ୟବାନ ତଥ୍ୟ ଯୋଗାଇପାରେ। କିନ୍ତୁ ଏହି ପ୍ରଯୁକ୍ତି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ମଧ୍ୟ ସେତିକି ଜରୁରୀ। ଯେଉଁ ସତର୍କ ସୂଚନା ସମୟରେ ଜଣେ ଚାଷୀ, ମତ୍ସ୍ୟଜୀବୀ କିମ୍ବା ବସ୍ତିବାସୀଙ୍କ ପାଖରେ ପହଞ୍ଚିପାରେ ନାହିଁ, ତାହାର ମୂଲ୍ୟ ବହୁତ କମ୍ କୁହାଯାଇପାରେ।

ବନ୍ୟା ପରିଚାଳନାର ଦାୟିତ୍ୱ କେବଳ ସରକାରଙ୍କର ହୋଇପାରେ ନାହିଁ। ନାଗରିକଙ୍କର ମଧ୍ୟ ଏଥିରେ ଭୂମିକା ରହିଛି। ଡ୍ରେନ୍‌ରେ ପ୍ଲାଷ୍ଟିକ୍ ଓ ଆବର୍ଜନା ପକାଇବା, ପ୍ରାକୃତିକ ଜଳପଥ ଉପରେ ବେଆଇନ ନିର୍ମାଣ କରିବା ଏବଂ ସତର୍କ ସୂଚନାକୁ ଅଣଦେଖା କରିବା ଏକ କଠିନ ପରିସ୍ଥିତିକୁ ଆହୁରି ଖରାପ କରିପାରେ।

ଏପଟେ ସରକାରଙ୍କୁ ଜରୁରୀକାଳୀନ ରିଲିଫ୍‌ର ସୀମା ଛାଡ଼ି ଆଗକୁ ଦେଖିବାକୁ ହେବ। ରିଲିଫ୍ ଆବଶ୍ୟକ, କିନ୍ତୁ ଏହା କେବଳ ପ୍ରଥମ ପଦକ୍ଷେପ। ଓଡ଼ିଶାକୁ ଦୀର୍ଘମିଆଦୀ ଭାବେ ବନ୍ୟା-ସହନଶୀଳ ଗାଁ ଓ ସହର ଗଢ଼ିବା ପାଇଁ ଏକ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ।

ବନ୍ୟାପ୍ରବଣ ଅଞ୍ଚଳରେ ଘରଗୁଡ଼ିକୁ ବନ୍ୟାର ଚାପ ସହିପାରିବା ଭଳି ଡିଜାଇନ୍ କରାଯାଇପାରେ। ସ୍ଥାନୀୟ ବନ୍ୟାର ଧାରା ଓ ଇତିହାସକୁ ବିଚାରରେ ରଖି ରାସ୍ତା ଓ ସେତୁ ନିର୍ମାଣ କରାଯାଇପାରେ। ସ୍କୁଲ୍ ଓ ସରକାରୀ କୋଠାଗୁଡ଼ିକୁ ଆବଶ୍ୟକ ସମୟରେ ନିରାପଦ ଆଶ୍ରୟସ୍ଥଳୀ ଭାବେ ମଧ୍ୟ ବ୍ୟବହାର କରାଯାଇପାରେ। ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଓ ଯୋଗାଯୋଗ ଭିତ୍ତିଭୂମିକୁ ବନ୍ୟାଜଳରୁ ସୁରକ୍ଷିତ ରଖାଯାଇପାରେ।

କୃଷି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ବନ୍ୟାପ୍ରବଣ ଅଞ୍ଚଳର ଚାଷୀମାନଙ୍କୁ ଫସଲ ଚୟନ, ଫସଲ ବୀମା ଏବଂ ବିକଳ୍ପ ଆୟର ଉତ୍ସ ସମ୍ପର୍କରେ ଅଧିକ ଓ ଭଲ ସୂଚନା ଦରକାର। ଯେଉଁଠାରେ ବନ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ, ସେଠାରେ ଯୋଜନାବଦ୍ଧ ପଦକ୍ଷେପ ମାଧ୍ୟମରେ ସମୁଦାୟର ଆର୍ଥିକ କ୍ଷତି କମାଇବାକୁ ହେବ

ବିପର୍ଯ୍ୟୟ ଘଟିଲେ ଓଡ଼ିଶା ପ୍ରଭାବଶାଳୀ ଭାବେ ମୁକାବିଲା କରିପାରେ ବୋଲି ପ୍ରମାଣ କରିଛି। ପରବର୍ତ୍ତୀ ଚ୍ୟାଲେଞ୍ଜ ହେଉଛି — ବିପର୍ଯ୍ୟୟ ଘଟିବା ପରେ କ୍ଷତି କମାଇବା ନୁହେଁ, ବରଂ ପ୍ରଥମ ସ୍ଥାନରେ ହିଁ କ୍ଷତିକୁ ଯଥାସମ୍ଭବ କମାଇବା।

ତେଣୁ ୨୦୨୬ର ବାରମ୍ବାର ବନ୍ୟାକୁ କେବଳ ଆଉ ଏକ ମୌସୁମୀ ଘଟଣା ଭାବେ ଦେଖିଲେ ଚଳିବ ନାହିଁ। ଏହାକୁ ଏକ ସତର୍କ ସଙ୍କେତ ଏବଂ ଏକ ସୁଯୋଗ ଭାବେ ଦେଖିବା ଦରକାର।

ପ୍ରଶ୍ନ ଏବେ ଏହା ନୁହେଁ ଯେ ବନ୍ୟା ପରେ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରିପାରିବ କି ନାହିଁ। ଓଡ଼ିଶା ତାହା କରିପାରେ । ବଡ଼ ପ୍ରଶ୍ନ ହେଉଛି , ଓଡ଼ିଶା ଏପରି ଗାଁ ଓ ସହର ଗଢ଼ିପାରିବ କି, ଯେଉଁଠାରେ ପ୍ରଥମେ ହିଁ କମ୍ ଲୋକଙ୍କୁ ଉଦ୍ଧାର କରିବାର ଆବଶ୍ୟକତା ପଡ଼ିବ ?

ଏଥିପାଇଁ ଉନ୍ନତ ଯୋଜନା, ଅଧିକ ସୁଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ଜଳାଶୟର ସୁରକ୍ଷା ଏବଂ ଅଧିକ ଜନସଚେତନତା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିନ୍ତାଧାରାରେ ପରିବର୍ତ୍ତନ। ପ୍ରତ୍ୟେକ ବନ୍ୟା ସହ ଲଢ଼ିବା ପରିବର୍ତ୍ତେ ଜଳ ସହ ସୁରକ୍ଷିତ ଭାବେ ବଞ୍ଚିପାରୁଥିବା ଏକ ପ୍ରସ୍ତୁତ ରାଜ୍ୟ ଗଢ଼ିବା।

ବିପର୍ଯ୍ୟୟ ସମୟରେ ଜୀବନ ବଞ୍ଚାଇବାରେ ଓଡ଼ିଶା ନିଜକୁ ଆହୁରି ସକ୍ଷମ କରିଛି। ଏବେ ତାହାର ପରବର୍ତ୍ତୀ ସଫଳତା ହେଉ-ପରବର୍ତ୍ତୀ ବନ୍ୟା ଆସିବା ପୂର୍ବରୁ ଲୋକଙ୍କ ଜୀବିକା, ଘରବାଡ଼ି ଓ ସହରଗୁଡ଼ିକୁ ସୁରକ୍ଷିତ କରିବା।

# ସ୍ଥିତି ନାହିଁ, ଚାନ୍ଦା ମିଳୁଛି ...

**ଗୋପାଳ ମହାପାତ୍ର**

ଭାରତ ଭଳି ବିଶାଳ ଗଣତନ୍ତ୍ରରେ ରାଜନୈତିକ ଦଳ ଜନମତର ବାହକ ବୋଲି କୁହାଯାଏ । ରାଜନୈତିକ ଦଳମାନେ ନିର୍ବାଚନ ଲଢ଼ିଥାନ୍ତି, ଲୋକଙ୍କୁ ସେମାନଙ୍କ ଦଳର ବିଚାରଧାରା ପ୍ରସଙ୍ଗରେ ଅବଗତ କରାଇଥାନ୍ତି ଏବଂ ଜନତାଙ୍କ ସମସ୍ୟା ଲୋକସଭା ବା ବିଧାନସଭାରେ ଉଠାଇଥାନ୍ତି । କିନ୍ତୁ ବିଗତ କିଛିବର୍ଷ ହେବ ଏକ ବିଚିତ୍ର ପ୍ରବୃତି ଦେଖିବାକୁ ମିଳୁଛି । ଦେଶରେ ଏମିତି ଅନେକ ପଞ୍ଜୀକୃତ ହୋଇଥିବା ରାଜନୈତିକ ଦଳ ରହିଛନ୍ତି ଯେଉଁମାନଙ୍କର ଜନମତ ବା ଜନତାଙ୍କ ସହ କିଛି ସଂପର୍କ ନାହିଁ କିମ୍ବା ଏମାନେ ନିର୍ବାଚନ ଲଢ଼ି ନାହାନ୍ତି । କାଗଜ କଲମରେ ଥିବା ଏହିଭଳି ରାଜନୈତିକ ଦଳମାନଙ୍କର ସ୍ଥିତିନଥାଇ ମଧ୍ୟ ଏମାନଙ୍କ ବ୍ୟାଙ୍କ ଖାତାକୁ କୋଟି କୋଟି ଟଙ୍କା ଚାନ୍ଦା ଆକାରରେ ଆସୁଛି । ଏହି ଘଟଣା ଯେ ଆଜିର ତାହା ନୁହେଁ । ଏହା ଏବେ ଯେ କେବଳ ରାଜନୈତିକ ଅର୍ଥ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି ତାହାନୁହେଁ ବଂର ଗଣତନ୍ତ୍ରର ପାରଦର୍ଶିତା ପାଇଁ ଏକ ଚାଲେ ସୃଷ୍ଟି କରିଛି ।

ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଦେଶରେ ୨୮୦୦ରୁ ଅଧିକ ରାଜନୈତିକ ଦଳ ଅଛନ୍ତି । ଏମାନେ ସବୁ ପଞ୍ଜୀକୃତ । ଦେଶରେ ରାଷ୍ଟ୍ରୀୟ ଏବଂ ଆଞ୍ଚଳିକ ଦଳମାନଙ୍କର ସଂଖ୍ୟା ମାତ୍ର ୭୩ ଅଟେ । ବାକି ଅନ୍ୟ ସବୁଦଳ କେବଳ କାଗଜ କଲମରେ ରହିଛି ଓ ଏମାନଙ୍କ ମଧ୍ୟରୁ ଅନେକ କେବେ କୌଣସି ନିର୍ବାଚନରେ ଭାଗ ନେଇ ନାହାନ୍ତି । ୨୦୨୨ ରୁ ୨୦୨୪ ମଧ୍ୟରେ କାଗଜ କଲମରେ ଥିବା ଏହି ଦଳମାନଙ୍କୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ମିଳିଛି । ଏକ ରିପୋର୍ଟ ଅନୁସାରେ ଏହି ଦଳମାନଙ୍କୁ ମିଳିଥିବା ଚାନ୍ଦାର ପରିମାଣ ୧୦ହଜାର କୋଟିରୁ ଅଧିକ ଅଟେ । ଦେଶରେ ଥିବା କେତେକ ପ୍ରମୁଖ ଦଳକୁ ମଧ୍ୟ ଏତେ ପରିମାଣରେ ଚାନ୍ଦା ମିଳିନାହିଁ ।

ବିବିସି ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ୬ଟି ଏମିତି କାଗଜ କଲମର ରାଜନୈତିକ ଦଳ ରହିଛି ଯାହାକୁ ୨୦୨୩-୨୪ରେ ଶହ ଶହ କୋଟି ଟଙ୍କାର ଚାନ୍ଦା ମିଳିଥିଲା । ଏହିଭଳି ଏକ ରାଜନୈତିକ ଦଳ ହେଉଛି ଆମ୍ ଜନମତ ପାର୍ଟି । ଏହି ଦଳକୁ ୨୦୨୩-୨୪ରେ ୬୨୦କୋଟି ଟଙ୍କା ଚାନ୍ଦା ମିଳିଛି । ଏହି ଦଳ ୨୦୨୪ ଲୋକସଭା ନିର୍ବାଚନରେ ଜଣେ ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଥିଲା । ଅନ୍ୟ ଏକ ଦଳ ହେଉଛି ସତ୍ୟବାଦୀ ରକ୍ଷକ ପାର୍ଟି । ଏହି ଦଳକୁ ୩୩୦କୋଟି ଟଙ୍କା ଚାନ୍ଦା ମିଳିଛି । ଏହି ଦଳ ନିର୍ବାଚନରେ ନାମମାତ୍ର ଭାଗ ନେଇଛି । ଦେଶରେ ଏମିତି ୬ଟି ଦଳ ଅଛି ଯେଉଁମାନଙ୍କ କାର୍ଯ୍ୟାଳୟ ସଂପର୍କରେ ଲୋକେ ଜାଣିନାହାନ୍ତି ଓ ଅନେକଙ୍କ କାର୍ଯ୍ୟାଳୟକୁ ନେଇ ସନ୍ଦେହ ରହିଛି । କିନ୍ତୁ ଏହିସବୁ ଦଳ ସେମାନଙ୍କ ଅଡ଼ିଟ୍ ରିପୋର୍ଟରେ ଦର୍ଶାଇଛନ୍ତି ଯେ ମିଳିଥିବା ଚାନ୍ଦାର ଅଧିକ ଭାଗ ଜନକଲ୍ୟାଣ ପାଇଁ ବ୍ୟୟ କରାଯାଇଛି । ଅଡ଼ିଟ୍ ରିପୋର୍ଟ ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରୁଛି । ସମସ୍ୟାର ମୂଳ ଆୟକର ସହ ଜଡ଼ିତ । ରାଜନୈତିକ ଦଳମାନଙ୍କୁ ଆୟକର ରିହାତି ମିଳିଥାଏ । ଦଳ କରମୁକ୍ତ ହୋଇଥାଏ । ରାଜନୈତିକ ଦଳମାନଙ୍କୁ ଚାନ୍ଦା ଦେଉଥିବା ବ୍ୟକ୍ତିମାନେ ମଧ୍ୟ ଆୟକର ରିହାତି ପାଇଥାନ୍ତି । ଆୟକର ବିଭାଗ ପକ୍ଷରୁ ତଦନ୍ତ ବେଳେ ଅନେକ ବେଆଇନ ତଥ୍ୟ ଜଣାପଡ଼ିଛି । ନିର୍ବାଚନ କମିଶନ ଗତବର୍ଷ ଶହ ଶହ ନିଷ୍କ୍ରିୟ ରାଜନୈତିକ ଦଳକୁ ତାଲିକାରୁ ହଟାଇବା ପାଇଁ ଉଦ୍ୟମ କରିଥିଲେ । ଅନେକ ଦଳକୁ ଇନ୍‌ଆକ୍ଟିଭ୍ ଘୋଷିତ କରିଥିଲେ । ତଥାପି ସମସ୍ୟା ଶେଷ ହୋଇନାହିଁ । ପାରଦର୍ଶିତାର ନିୟମ କେବଳ ଚାନ୍ଦା ଜମା କରିବା, ଖର୍ଚ୍ଚର ହିସାବ ଦେବା ନୁହେଁ । ଅନ୍ୟ କେତେକ ନିୟମର ପାଳନ କରାଯିବା ଆବଶ୍ୟକ । ୨୦ ହଜାର ଟଙ୍କାରୁ କମ୍ ଚାନ୍ଦା ବାବଦରେ ରାଜନୈତିକ ଦଳମାନେ ତଥ୍ୟ ପ୍ରଦାନ କରନ୍ତି ନାହିଁ ଯାହା ଅସ୍ୱଷ୍ଟତା ବଢ଼ାଇଥାଏ । କାଗଜ କଲମରେ ଥିବା ଏହି ଦଳମାନଙ୍କର ଖେଳ ଯଦି ଜାରି ରହେ ଏହା ଗଣତନ୍ତ୍ରକୁ ଦୁର୍ବଳ କରିବ ନିଶ୍ଚୟ ।

ରାମଚନ୍ଦ୍ରପୁର, ରଣପୁର
ମୋ.-୯୪୩୮୪୮୫୦୯୪

"ଜଙ୍ଗଲରେ ଅଜଣା ପ୍ରାଣୀ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ସୂଚନା ଦେଇଥିବାରୁ ଉଦ୍ଧାର ସମ୍ଭବ ହୋଇଛି। ଏହା ଦେଖାଇଦେଉଛି ଯେ ବନ ସୁରକ୍ଷା କେବଳ ବନ ବିଭାଗର କାମ ନୁହେଁ; ଜଙ୍ଗଲ ଚାରିପାଖରେ ବସୁଥିବା ଲୋକମାନେ ମଧ୍ୟ ପ୍ରକୃତିର ପ୍ରଥମ ପ୍ରହରୀ। କିନ୍ତୁ ଏଠାରେ ଆମ ସମାଜ ପାଇଁ ଆଉ ଏକ ପରୀକ୍ଷା ଅଛି। ଅଜଣା ପ୍ରାଣୀକୁ ଦେଖି ଭିଡ଼ କରିବା, ଛୁଇଁବା, ଭୟ ଦେବା କିମ୍ବା ଚିତ୍ର ନେବା ପାଇଁ ତାଙ୍କ ପାଖକୁ ଯିବା ତାଙ୍କ ଜୀବନ ପାଇଁ ବିପଦଜନକ ହୋଇପାରେ। ବନ୍ୟଜୀବ ପ୍ରତି ଭଲପାଇବାର ଅର୍ଥ ସବୁବେଳେ ତାଙ୍କ ପାଖକୁ ଯିବା ନୁହେଁ; କେତେବେଳେ ଦୂରେ ଠିଆ ହୋଇ ତାଙ୍କୁ ସୁରକ୍ଷିତ ରଖିବା ହିଁ ସବୁଠାରୁ ବଡ଼ ସ୍ନେହ।

# ଓଡ଼ିଶା ଜଙ୍ଗଲରେ ବିଦେଶୀ ଅତିଥି : କାହାର ହାତ ?

**ସୌଭାଗ୍ୟ ରଞ୍ଜନ ମହାନ୍ତି**

ବାଲେଶ୍ୱରର ଜଙ୍ଗଲରେ ହଠାତ୍ ଦେଖାଦେଇଥିବା ପାଞ୍ଚଟି ଛୋଟ ଓରାଙ୍ଗଓଟାନ ଏବେ କେବଳ ଏକ ବିରଳ ବନ୍ୟଜୀବ ଘଟଣା ନୁହେଁ, ଏହା ଓଡ଼ିଶାରୁ ଆରମ୍ଭ ହୋଇଥିବା ଏକ ବଡ଼ ପ୍ରଶ୍ନର ଦୁଆର ଖୋଲିଦେଇଛି—ସମୁଦ୍ରପାରିର ଏହି ବିପନ୍ନ ବନମାନବ ଆସିଲେ କେଉଁଠାରୁ, କାହା ମାଧ୍ୟମରେ ଆସିଲେ ଏବଂ କାହିଁକି ଓଡ଼ିଶାର ଏକ ଜଙ୍ଗଲରେ ଛାଡ଼ିଦିଆଗଲେ ? ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳର ବିଚିତ୍ରପୁର ଓ ରଣକୋଠା-ବଡ଼ପାହି ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ମଙ୍ଗଳବାର ସ୍ଥାନୀୟ ଲୋକଙ୍କ ନଜରକୁ ପାଞ୍ଚଟି ଶାବକ ଓରାଙ୍ଗଓଟାନ ଆସିଥିଲେ। ଗଛ ଡାଳରେ ଝୁଲୁଥିବା, ଚଢ଼ୁଥିବା ଓ ଘୁରୁଥିବା ଏହି ଅଜଣା ପ୍ରାଣୀମାନଙ୍କୁ ଦେଖି ଅଞ୍ଚଳବାସୀଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଥିଲା; ଖବର ବ୍ୟାପିବା ସହିତ ଭିଡ଼ ବଢ଼ିଥିଲା ଏବଂ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚଟି ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା।

ପ୍ରଶ୍ନଟି ଏଠାରୁ ଆହୁରି ଗଭୀର ହୁଏ। ଓରାଙ୍ଗଓଟାନ ଭାରତର ସ୍ୱାଭାବିକ ବନ୍ୟପ୍ରାଣୀ ନୁହେଁ। ସେମାନଙ୍କ ପ୍ରାକୃତିକ ଆବାସ ଦକ୍ଷିଣ-ପୂର୍ବ ଏସିଆର ବୋର୍ନିଓ ଓ ସୁମାତ୍ରା ଅଞ୍ଚଳର ବର୍ଷାବନ। ତେଣୁ ବାଲେଶ୍ୱରର ଏକ ଜଙ୍ଗଲରେ ଏକାଥରେ ପାଞ୍ଚଟି ଛୋଟ ଓରାଙ୍ଗଉଟାନ ମିଳିବା ପ୍ରକୃତିର ସାଧାରଣ ଘଟଣା ନୁହେଁ; ଏହା ମାନବୀୟ ହସ୍ତକ୍ଷେପର ସମ୍ଭାବନାକୁ ଆଗକୁ ଆଣୁଛି। ଏହି କାରଣରୁ ବନ ବିଭାଗ- ସେମାନେ କେଉଁଠାରୁ ଆସିଲେ, କିପରି ଭାରତକୁ ପହଞ୍ଚିଲେ ଏବଂ କିଏ ସେମାନଙ୍କୁ ଏଠାକୁ ଆଣିଥିଲା, ତାହା ଖୋଜୁଛି। ବନ୍ୟଜୀବ ତସ୍କରିର ସମ୍ଭାବନା ତଦନ୍ତର ଏକ ପ୍ରମୁଖ ଦିଗ ହୋଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ ତସ୍କରିର ନିଶ୍ଚିତ ପଥ କିମ୍ବା ଦୋଷୀ ବ୍ୟକ୍ତି ସମ୍ପର୍କରେ ପ୍ରମାଣ ମିଳିନାହିଁ। ଏହି ସତର୍କତାଟି ଗୁରୁତ୍ୱପୂର୍ଣ୍ଣ, କାରଣ ଏପରି ଘଟଣାରେ ଅନୁମାନକୁ ସତ୍ୟ ଭାବେ ପ୍ରଚାର କରିବା ତଦନ୍ତକୁ ଭୁଲ ଦିଗକୁ ନେଇପାରେ। କିନ୍ତୁ ଘଟଣାଟିର ଗମ୍ଭୀରତା କମିଯାଏ ନାହିଁ।

ଓରାଙ୍ଗଓଟାନର ତିନୋଟି ପରିଚିତ ପ୍ରଜାତି ନିଜ ନିଜ ସ୍ୱାଭାବିକ ଆବାସରେ ଭୟଙ୍କର ସୁରକ୍ଷା ସଙ୍କଟରେ ଅଛନ୍ତି। ବିଶେଷକରି ତାପାନୁଲି ଓରାଙ୍ଗଉଟାନ ଅତ୍ୟନ୍ତ ବିପଦଗ୍ରସ୍ତ ଶ୍ରେଣୀରେ ଥିବାବେଳେ ବୋର୍ନିଓ ଓ ସୁମାତ୍ରା ଓରାଙ୍ଗଉଟାନ ମଧ୍ୟ ଗୁରୁତର ସଂରକ୍ଷଣ ସଙ୍କଟରେ ଅଛନ୍ତି। ଏମାନଙ୍କୁ ବନ୍ୟଜୀବ ବ୍ୟବସାୟ, ବ୍ୟକ୍ତିଗତ ପୋଷ୍ୟ ପ୍ରାଣୀ ଭାବେ ରଖିବା, ପ୍ରଦର୍ଶନୀ ଓ ଅବୈଧ ସଂଗ୍ରହ ପାଇଁ ଚାହିଦା ଥିବାରୁ ତସ୍କରି ଆଶଙ୍କାକୁ ହାଲୁକା ଭାବେ ଦେଖାଯାଇପାରେ ନାହିଁ। ଏହି ପାଞ୍ଚ ଛୋଟ ପ୍ରାଣୀଙ୍କ ଆଖିରେ ଆମେ ଏକ ଅଦ୍ଭୁତ ଦୃଶ୍ୟ ଦେଖୁଛୁ; କିନ୍ତୁ ସେମାନଙ୍କ ପଛରେ ଯଦି ମାନବ ଲୋଭର କାହାଣୀ ଥାଏ, ତେବେ ଏହା ଆମ ପାଇଁ ଲଜ୍ଜାର କଥା। ଯେଉଁ ପ୍ରାଣୀ ନିଜ ଜନ୍ମଭୂମିର ଘନ ବର୍ଷାବନରେ ଗଛରୁ ଗଛକୁ ଯିବା ପାଇଁ ସୃଷ୍ଟି, ସେହି ପ୍ରାଣୀକୁ ହଜାର ହଜାର କିଲୋମିଟର ଦୂରକୁ ନେଇ ଅଜଣା ମାଟିରେ ଛାଡ଼ିଦେବା କେବଳ ଏକ ପ୍ରାଣୀ ପ୍ରତି ନିର୍ଦ୍ଦୟତା ନୁହେଁ, ଏହା ପ୍ରକୃତିର ନିୟମ ପ୍ରତି ମଧ୍ୟ ଏକ ଅପରାଧ। ସେମାନେ ଭାଷାରେ ଆମକୁ କିଛି କହିପାରିବେ ନାହିଁ;



କିନ୍ତୁ ତାଙ୍କ ଅସହାୟ ଉପସ୍ଥିତି ଆମକୁ ପଚାରୁଛି—ମଣିଷର ଲୋଭ ପାଇଁ ଆଉ କେତେ ଜୀବନ ନିଜ ଘର ହରାଇବ ? ଏହି ଘଟଣାର ଆଉ ଏକ ମାନବୀୟ ପଟ ଅଛି। ଜଙ୍ଗଲରେ ଅଜଣା ପ୍ରାଣୀ ଦେଖି ସ୍ଥାନୀୟ ଲୋକେ ତୁରନ୍ତ ସୂଚନା ଦେଇଥିବାରୁ ଉଦ୍ଧାର ସମ୍ଭବ ହୋଇଛି। ଏହା ଦେଖାଇଦେଉଛି ଯେ ବନ ସୁରକ୍ଷା କେବଳ ବନ ବିଭାଗର କାମ ନୁହେଁ; ଜଙ୍ଗଲ ଚାରିପାଖରେ ବସୁଥିବା ଲୋକମାନେ ମଧ୍ୟ ପ୍ରକୃତିର ପ୍ରଥମ ପ୍ରହରୀ। କିନ୍ତୁ ଏଠାରେ ଆମ ସମାଜ ପାଇଁ ଆଉ ଏକ ପରୀକ୍ଷା ଅଛି। ଅଜଣା ପ୍ରାଣୀକୁ ଦେଖି ଭିଡ଼ କରିବା, ଛୁଇଁବା, ଭୟ ଦେବା କିମ୍ବା ଚିତ୍ର ନେବା ପାଇଁ ତାଙ୍କ ପାଖକୁ ଯିବା ତାଙ୍କ ଜୀବନ ପାଇଁ ବିପଦଜନକ ହୋଇପାରେ। ବନ୍ୟଜୀବ ପ୍ରତି ଭଲପାଇବାର ଅର୍ଥ ସବୁବେଳେ ତାଙ୍କ ପାଖକୁ ଯିବା ନୁହେଁ; କେତେବେଳେ ଦୂରେ ଠିଆ ହୋଇ ତାଙ୍କୁ ସୁରକ୍ଷିତ ରଖିବା ହିଁ ସବୁଠାରୁ ବଡ଼ ସ୍ନେହ। ଉଦ୍ଧାର ପରେ ପାଞ୍ଚଟି ପ୍ରାଣୀଙ୍କୁ ଭୁବନେଶ୍ୱରର ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ନିଆଯାଇଛି। ସେଠାରେ ସେମାନଙ୍କୁ ପୃଥକ୍ ନିରୀକ୍ଷଣରେ ରଖାଯାଇ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସେମାନଙ୍କ ମଧ୍ୟରୁ କେତେକ ହାତରୁ ଖାଦ୍ୟ ଗ୍ରହଣ କରୁଥିବା ଖବର ମଧ୍ୟ ଆସିଛି, ଯେତେବେଳେ ଦୁଇଟି ପ୍ରାଣୀ ବିଶେଷ ଭାବେ ଛୋଟ ବୋଲି ଜଣାପଡ଼ିଛି। ଏବେ ମୁଖ୍ୟ ଦାୟିତ୍ୱ ହେଉଛି ସେମାନଙ୍କ ଜୀବନ ରକ୍ଷା ସହିତ ତାଙ୍କ ଉତ୍ପତ୍ତିର ସତ୍ୟ ଖୋଜିବା। ସେମାନେ କେଉଁ ଦେଶରୁ ଆସିଥିଲେ, କେତେ ଦିନ ଧରି ମଣିଷଙ୍କ ନିୟନ୍ତ୍ରଣରେ ଥିଲେ, କିପରି ଓଡ଼ିଶାକୁ ଆସିଲେ, ଏଠାକୁ ଆଣିଥିବା ଲୋକମାନେ କିଏ ଏବଂ ସେମାନଙ୍କ ପଛରେ କୌଣସି ବଡ଼ ବନ୍ୟଜୀବ ବ୍ୟବସାୟ ଚକ୍ର ଅଛି କି ନାହିଁ—ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦରକାର। କାରଣ ଆଜି ପାଞ୍ଚଟି ଓରାଙ୍ଗଓଟାନ ମିଳିଛନ୍ତି; ଯଦି ଏହା କୌଣସି ଅବୈଧ ବ୍ୟବସାୟର ଚିହ୍ନ, ତେବେ ଏହି ପାଞ୍ଚଟି ପ୍ରାଣୀ କେବଳ ଏକ ବଡ଼ ଶୃଙ୍ଖଳାର ଦୃଶ୍ୟମାନ ଅଂଶ ହୋଇପାରନ୍ତି। ସେଥିପାଇଁ ତଦନ୍ତ କେବଳ ଏହି ପାଞ୍ଚଟି ପ୍ରାଣୀରେ ଅଟକି ରହିବା ଉଚିତ ନୁହେଁ; ଦେଶ ଓ ରାଜ୍ୟ ମଧ୍ୟରେ ବନ୍ୟଜୀବ ଗତିବିଧି, ଅବୈଧ ପୋଷ୍ୟ ପ୍ରାଣୀ ବଜାର ଏବଂ ଆନ୍ତର୍ଜାତିକ ତସ୍କରିର ସମ୍ଭାବ୍ୟ ସଂଯୋଗକୁ ମଧ୍ୟ ଖୋଜିବା ଦରକାର।

ଏହି ଘଟଣା ଆମକୁ ଏକ ବଡ଼ ସତ୍ୟ ମଧ୍ୟ ମନେ ପକାଇଦେଉଛି—ପ୍ରକୃତିର ସୀମାକୁ ମଣିଷ ଟଙ୍କା ପାଇଁ ଭାଙ୍ଗିଦେଲେ ତାହାର ଫଳ ଅନିଶ୍ଚିତ ହୁଏ। ଓଡ଼ିଶାର ଜଙ୍ଗଲ ହାତୀ, ବାଘ, ଚିତା, ଭାଲୁ, ମୟୂର ଓ ଅନେକ ସ୍ୱଦେଶୀ ପ୍ରାଣୀଙ୍କ ଘର; ସେହି ଘରକୁ ଅଜଣା ବିଦେଶୀ ପ୍ରାଣୀଙ୍କୁ ଆଣି ଛାଡ଼ିଦେବା ସେମାନଙ୍କ ପାଇଁ ମଧ୍ୟ ବିପଦ ଓ ସ୍ଥାନୀୟ ପରିବେଶ ପାଇଁ ମଧ୍ୟ ଅନିଶ୍ଚିତତା ସୃଷ୍ଟି କରିପାରେ। ତେଣୁ ଏହି ଘଟଣାକୁ କେବଳ "ଅଦ୍ଭୁତ ଦୃଶ୍ୟ" ଭାବେ ଦେଖିଲେ ଭୁଲ ହେବ। ଏହା ଏକ ସତର୍କ ସଙ୍କେତ। ଏକପଟେ ପାଞ୍ଚଟି ନିରୀହ ଜୀବନ ଆମ ସହାନୁଭୂତି ଚାହୁଁଛି, ଅନ୍ୟପଟେ ଏହି ଅସାଧାରଣ ଘଟଣା ଆମ ବ୍ୟବସ୍ଥାକୁ ପଚାରୁଛି—ବନ୍ୟଜୀବ ତସ୍କରିକୁ ରୋକିବାରେ ଆମେ କେତେ ପ୍ରସ୍ତୁତ ? ଆଜି ବାଲେଶ୍ୱରର ଜଙ୍ଗଲରେ ମିଳିଥିବା ଏହି ପାଞ୍ଚ ଛୋଟ ଓରାଙ୍ଗଓଟାନ ନିଜ ଦେଶରୁ ହଜାର ହଜାର କିଲୋମିଟର ଦୂରେ ଆସି ମଣିଷର ଏକ ଅଜଣା କାହାଣୀର ସାକ୍ଷୀ ହୋଇଛନ୍ତି। ଏବେ ସେମାନଙ୍କୁ ନିରାପଦ ରଖିବା ଆମର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ତାଠାରୁ ବଡ଼ କର୍ତ୍ତବ୍ୟ ହେଉଛି ଏହି ପ୍ରଶ୍ନର ଉତ୍ତର ଖୋଜିବା—ଜଙ୍ଗଲକୁ ଆସିଥିବା ଏହି ପାଞ୍ଚ ଅତିଥି ନିଜେ ଆସିନାହାନ୍ତି; ତାଙ୍କୁ କିଏ ଏଠାକୁ ଆଣିଲା ? ଏହି ପ୍ରଶ୍ନର ଉତ୍ତର ମିଳିଲେ ହିଁ ବାଲେଶ୍ୱରର ଏହି ଅସାଧାରଣ ଘଟଣାର ପ୍ରକୃତ ରହସ୍ୟ ଖୋଲିବ ଏବଂ ଭବିଷ୍ୟତରେ ଆଉ କୌଣସି ବିପନ୍ନ ପ୍ରାଣୀ ମଣିଷର ଲୋଭର ଶିକାର ନହେବା ପାଇଁ ଆମେ ଏକ ଦୃଢ଼ ପାଠ ଶିଖିପାରିବୁ।

ମୋ: ୯୪୩୭୯୯୪୩୭୯

## ସୁଭଦ୍ରା ଯୋଜନାରୁ ଯୋଗ୍ୟ ଗରିବ ମହିଳା ବଞ୍ଚିତ !

କାକଟପୁର,୯।୯(ନିପ୍ର):ରାଜ୍ୟ ସରକାର ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଓ ସ୍ୱାବଲମ୍ବନ ପାଇଁ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ପ୍ରଚଳନ କରିଥିବାବେଳେ ସେଥିମଧ୍ୟରୁ ‘ସୁଭଦ୍ରା ଯୋଜନା’ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଭାବେ ପରିଗଣିତ ହେଉଛି। ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ପ୍ରକୃତ ହିତାଧିକାରୀ ମହିଳାଙ୍କୁ ସରକାରୀ ସହାୟତା ପହଞ୍ଚାଇବା। କିନ୍ତୁ ସମ୍ପ୍ରତି କେତେକ ସ୍ଥାନରେ ଅଯୋଗ୍ୟ ବ୍ୟକ୍ତିମାନେ ବିଭିନ୍ନ ଉପାୟରେ ଏହି ଯୋଜନାର ଲାଭ ନେଇଥିବା ଅଭିଯୋଗ ଉଠିଛି। ସରକାରଙ୍କୁ ଆୟକର କିମ୍ବା ଅନ୍ୟାନ୍ୟ କର ପ୍ରଦାନ କରୁଥିବା କେତେକ ପରିବାରର ସଦସ୍ୟମାନେ ମଧ୍ୟ ସୁଭଦ୍ରା ଯୋଜନାର ସହାୟତା ପାଇଥିବା ନେଇ ତାଲିକାରେ ନାମ ଥିବାର ଚର୍ଚ୍ଚା ସାଧାରଣରେ ଦେଖାଦେଇଛି। ଯଦି ଏହି ଅଭିଯୋଗର ସତ୍ୟତା ଥାଏ, ତେବେ ପ୍ରକୃତ ଯୋଗ୍ୟ ଓ ଗରିବ ମହିଳାମାନେ ସରକାରୀ ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ସାଧାରଣ ଜନତାଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ, ରାଜ୍ୟ ସରକାର ଏହାର ନିରପେକ୍ଷ ତଦନ୍ତ କରିବା ସହ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ଦାବି ଉଠିଛି। ଯେଉଁମାନେ ଅଯୋଗ୍ୟ ହୋଇ ମଧ୍ୟ ଯୋଜନାର ଲାଭ ନେଇଥିବେ, ସେମାନଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ସହିତ ଭବିଷ୍ୟତରେ ଏଭଳି ଅନିୟମିତତା ରୋକିବାକୁ କଠୋର ବ୍ୟବସ୍ଥା କରିବା ପାଇଁ ଦାବି ଜୋର ଧରିଛି। ଜନକଲ୍ୟାଣମୂଳକ ଯୋଜନାର ସ୍ୱଚ୍ଛତା ଓ ପ୍ରକୃତ ହିତାଧିକାରୀଙ୍କ ପାଖରେ ସୁବିଧା ପହଞ୍ଚିବା ହେଉଛି ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ତେଣୁ ସୁଭଦ୍ରା ଯୋଜନାର ଯୋଗ୍ୟତା ତାଲିକାକୁ ପୁନଃ ଯାଞ୍ଚ କରି ଅନିୟମିତତା ଦୂର କରାଗଲେ ପ୍ରକୃତ ଗରିବ ଓ ଅସହାୟ ମହିଳାମାନେ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ୭୧୬୨ ଚାଷୀଙ୍କ ଖରଫ ଧାନ ପଞ୍ଜୀକରଣ

ଭାପୁର,୯।୯ (ନିପ୍ର); ଚଳିତ ବର୍ଷ ଖରିଫ ଧାନ ପାଇଁ ପଞ୍ଜୀକରଣ ଶେଷ ହୋଇଛି।ଭାପୁର ବ୍ଲକ ୨୦ ଗୋଟି ପଞ୍ଚାୟତ ରୁ ୭୧୬୨ ଚାଷୀ ପଞ୍ଜିକରଣ କରିଛନ୍ତି।ରାଜ୍ୟ ସରକାର ଅଗଷ୍ଟ ମାସ ୬ ତାରିଖରୁ ୩୧ ତାରିଖ ମଧ୍ୟରେ ପଞ୍ଜୀକରଣ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ ମାତ୍ର ସର୍ଭର ସ୍ଲୋ ସାଙ୍ଗକୁ ଅନ୍ୟାନ୍ୟ ସମସ୍ୟା ପାଇଁ ପାକ୍ସ ଗୁଡିକରେ ଚାଷୀମାନେ ପଞ୍ଜୀକରଣ କରିବା ପାଇଁ ସମସ୍ୟାରେ ପଡିଥିଲେ। ଏହାପରେ ରାଜ୍ୟ ସରକାର ଅବଧି ବଢେଇବା ପରେ ଚାଷୀ ମାନଙ୍କର ପଞ୍ଜୀକରଣ ଶେଷ ହୋଇଛି।ଭାପୁର ବ୍ଲକରେ ଚଳିତ ବର୍ଷ ଖରିଫ ଧାନ ପାଇଁ ୧୭ ଗୋଟି ପାକ୍ସରେ ପଞ୍ଜିକରଣ କରାଯାଇଥିଲା। ବ୍ଲକରେ କେତେ ଜଣ ଏଗ୍ରିଷ୍ଟାକ ଆଇଡି କରିଛନ୍ତି ତାହା ଜ଼ିଲ୍ଲାରୁ ଜଣାପଡ଼ିନ ଥିବାବେଳେ ୭୧୬୨ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ଜ଼ିଲ୍ଲା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ବର୍ତ୍ତମାନ ଚାଷୀ ମାନେ ଆବେଦନ କରିଥିବା ଜମିଗୁଡିକରେ ଚାଷ କାର୍ଯ୍ୟ ହୋଇଛି କି ନାହିଁ ଏହାର ସର୍ଭେ ଆରମ୍ଭ ହେବ।ସାଟେଲାଇଟ ସର୍ଭେ ଶେଷ ହେବା ପରେ ବ୍ଲକରେ ପ୍ରକୃତ ଚାଷୀ ଓ଼ ଚାଷ ଜମି ସଂଖ୍ୟା ଜଣାପଡିବ। ଶେଷରେ,କେତେ ଚାଷୀ ଧାନ ବିକ୍ରି କରିବା ପାଇଁ ଯୋଗ୍ୟ ହେବେ ତାହା ଚୂଡାନ୍ତ କରାଯିବ।ପ୍ରଥମେ ଏଗ୍ରିଷ୍ଟାକ ବ୍ୟବସ୍ଥା ଓ଼ ଭାଗଚାଷ ପାଇଁ ସରକାର କରିଥିବା କେତେକ ନିୟମ ଚାଷୀ ଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା।ସେଥିପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରମାଣପତ୍ର ଯୋଗାଡ଼ କରିବାକୁ ଚାଷୀମାନଙ୍କ ପାଇଁ ବିଳମ୍ବ ହୋଇଥିଲା। ତଥାପି ଜ଼ିଲ୍ଲାରେ ଭାପୁର ବ୍ଲକ ପଞ୍ଜୀକରଣ ରେ ରେକର୍ଡ ସୃଷ୍ଟି କରିଛି।ବର୍ତ୍ତମାନ ବିଭାଗ ପକ୍ଷରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବାକୁ ଥିବାବେଳେ ବ୍ଲକରେ ପ୍ରକୃତ ଚାଷୀଙ୍କ ସଂଖ୍ୟା ଜଣାପଡିଯିବ ଏବଂ ଅଣଚାଷୀମାନେ ଏଥିରୁ ବାଦ୍ ପଡ଼ିବେ।

## ପରିବେଶ ସୁରକ୍ଷା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ସଚେତନତା

ଯାଜପୁର,୯।୯ (ନିପ୍ର); ‘ସ୍ୱଚ୍ଛତା ଏବଂ ପ୍ଲାଷ୍ଟିକ୍ ମୁକ୍ତ ଜୀବନ’ ବିଷୟବସ୍ତୁକୁ ନେଇ ଚାଲିଥିବା ପରିବେଶ ସୁରକ୍ଷା ଅଭିଯାନ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ତଥା ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଟାଉନସିପ୍‌ସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ୍ କମ୍ପ୍ଲେକ୍ସ ଠାରେ ଆୟୋଜିତ ‘ସବୁଜ ଭବିଷ୍ୟତ ପାଇଁ ସାଇକେଲ ଚାଳନା’ ରାଲିରେ ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ମଦନ ମୋହନ ସାହୁ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ଚିଫ୍ କର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ଟିଏସକେ, ନୀଳାଚଳ ଇସ୍ପାତ ନିଗମ ଏବଂ ଜିନ୍ଦଲ ଷ୍ଟେନଲେସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ସମସ୍ତ ଅଂଶଗ୍ରହଣକାରୀମାନେ ‘ମିଶନ ଲାଇଫ୍’ ଶପଥ ପାଠ କରିଥିଲେ।

## ନାଲକୋ ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା

ଦାମନଯୋଡି,୯।୯(ନିପ୍ର):କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ନବରତ୍ନ ଉଦ୍ୟୋଗ ନାଲକୋ ପକ୍ଷରୁ ‘ପରିବେଶ ସୁରକ୍ଷା ସଚେତନ ଅଭିଯାନ-୨୦୨୬’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାଲକୋ ପରିବେଶ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସେକ୍ଟର-୩ ସ୍ଥିତ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ନାଲକୋର ଆଭ୍ୟନ୍ତରୀଣ ପରିବେଶ ତଥା ପାରିପାର୍ଶ୍ୱିକ ଅଞ୍ଚଳକୁ କିଭଳି ପ୍ରଦୂଷଣ ମୁକ୍ତ କରାଯାଇପାରିବ , ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧିକାରୀ ଦିପେଶ କୁମାର ବିଶ୍ୱାଳ ମୁଖ୍ୟ ବକ୍ତା ଭାବରେ ଯୋଗ



ଦେଇ ପ୍ରଦୂଷଣ ନିୟନ୍ତ୍ରଣ ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ଲାଷ୍ଟିକ ଓ ପଲିଥିନ ଆଦିର ଯଥା ସମ୍ଭବ କମ୍ ବ୍ୟବହାର କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା। ନାଲକୋ ଆଲୁମିନା ଓ ବିଶୋଧନ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଦିଲୀପ କୁମାର ବାଗ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଓ ନିୟନ୍ତ୍ରଣକୁ ନେଇ ପ୍ରଶ୍ନୋତ୍ତର ଏବଂ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ପରିବେଶ ବିଭାଗର ଅଧିକାରୀ ସୁଶୀଲ ଗୋଛାୟତ ମଞ୍ଚ ପରିଚାଳନା କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଥିଲେ।

# ୧୬ ଲକ୍ଷ ଠକେଇ ଅଭିଯୋଗରେ ଜଣେ ଗିରଫ

### ଚେକ୍ ବାଉନ୍ସ ପରେ ଅଭିଯୋଗ; ବେଆଇନ ସୁଧ କାରବାର ନେଇ ଚିନ୍ତା

ପାରଳାଖେମୁଣ୍ଡି,୯।୯ (ନିପ୍ର); ଘର ନିର୍ମାଣ ପାଇଁ ଟଙ୍କା ଆବଶ୍ୟକ ଥିବା କହି ପରିଚିତଙ୍କଠାରୁ ୧୬ ଲକ୍ଷ ଟଙ୍କା ନେବା ପରେ ଫେରସ୍ତ ନ କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପାରଳାଖେମୁଣ୍ଡି ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ଜଲୁମୁର ଥାନା ଅନ୍ତର୍ଗତ ଜଗନ୍ନାଥପୁରମର କେଲ୍ଲି ଉଦୟ କୁମାର (୩୫)। ପୁଲିସ ସୂଚନା ଅନୁଯାୟୀ, ଝାମି (ବଡ଼ଦାଣ୍ଡ ସାହି) ଗ୍ରାମର ପୁନ୍ନା ମୋହନ ରାଓ ଗତ ଅଗଷ୍ଟ ୧୮ରେ ଏନେଇ ଅଭିଯୋଗ କରିଥିଲେ। ଉଦୟ ଘର ନିର୍ମାଣ ପାଇଁ ୧୬ ଲକ୍ଷ ଟଙ୍କା ଆବଶ୍ୟକ ଥିବା କହିବା ସହ ସୁଧ ସହ ଟଙ୍କା ଫେରସ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଅଭିଯୋଗ ହୋଇଛି। ଏହାପରେ ମୋହନ ରାଓ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଟଙ୍କା ସଂଗ୍ରହ କରି ଉଦୟଙ୍କୁ ଦେଇଥିଲେ। ଟଙ୍କା ଫେରସ୍ତ ପାଇଁ ଉଦୟ ଦୁଇଟି ଚେକ୍ ଦେଇଥିଲେ। ତେବେ ବ୍ୟାଙ୍କରେ ଜମା ପରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ଚେକ୍ ଦୁଇଟି ବାଉନ୍ସ ହୋଇଥିଲା। ପରେ ଟଙ୍କା ମାଗିବାରୁ ସେ ଏଡ଼ାଇ ଯାଇଥିବା ଏବଂ ଅଭିଯୋଗକାରୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ କରି ଅଭିଯୋଗକାରୀ ଓ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ସମ୍ପୃକ୍ତ ଦସ୍ତାବିଜ ଜବତ କରିଥିଲା। ତଦନ୍ତରୁ ପ୍ରାଥମିକ ପ୍ରମାଣ ମିଳିବା ପରେ ବିଏନ୍ଏସ୍‌ର ଧାରା ୩୧୮(୨), ୩୧୬(୨) ଓ ୩୫୧(୨)ରେ ମାମଲା ରୁଜୁ ହୋଇଥିଲା। ଆଜି ଉଦୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛି ପୋଲିସ । ଜିଲ୍ଲାରେ ବେଆଇନ ଭାବରେ ଚାଲିଥିବା ସୁଧ କାରବାର ବୃଦ୍ଧି ପାଉଥିବା ଯୋଗୁଁ ଏଭଳି ମାମଲା ନଜରକୁ ଆସୁଥିବା ବେଳେ ଅନିୟନ୍ତ୍ରିତ ଭାବେ ଟଙ୍କା ନେଣଦେଣ ଓ ଅଧିକ ସୁଧ କାରବାର ଯୋଗୁଁ ଆର୍ଥିକ ବିବାଦ ବଢୁଥିବା ଅଭିଯୋଗ ହେଉଛି। ଏଭଳି କାରବାର ଆହୁରି ବଢ଼ିବା ପୂର୍ବରୁ ପୁଲିସ ଓ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।




## କୁଦିଆରୀ ବଜାର ମୁଖ୍ୟ ରାସ୍ତା ନିର୍ମାଣ ଆରମ୍ଭ

ଜଟଣୀ,୯।୯ (ନି.ପ୍ର) : କୁଦିଆରୀ ବଜାର ମୁଖ୍ୟ ରାସ୍ତାର ନବୀକରଣ ଠାରୁ ଆରମ୍ଭ ହୋଇଛି । ୨୦୧୩ରେ ଫ୍ଲାଏ ଓଭରବ୍ରିଜ୍ ନର୍ମାଣ ଆରମ୍ଭ ପୂର୍ବରୁ ପୌର ଓ ଜିଲା ପ୍ରଶାସନ କୁଦିଆରୀ ବଜାରରେ ଜବର ଦଖଲ ଉଚ୍ଛେଦ କରିଥିଲା। ଦୋକାନ ବଜାର ଏବଂ ପୂଜା ମଣ୍ଡପ ଭାଙ୍ଗି ଦେଇଥିଲା । ରାସ୍ତା ନଷ୍ଟ ହୋଇ ଯାଇଥିଲା । ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିଲା । ନାଳ ପୋତି ହୋଇ ଯାଇଥିଲା । ରାସ୍ତା ଉପରେ ମଇଳା ଜଳ ଲହଡ଼ି ମାରୁଥିଲା । ଲୋକେ ଅସୁବିଧା ଭୋଗ କରୁଥିଲେ । ବଜାର କମିଟି ଏବଂ ସ୍ଥାନୀୟ ଲୋକ ରାସ୍ତାର ନବୀକରଣ ଏବଂ ପୂଜା ମଣ୍ଡପ ନିର୍ମାଣ ଦାବି କରି ଆସୁଥିଲେ । ବିଳମ୍ବରେ ହେଲେ ବି ପୂଜା ମଣ୍ଡପ ନିର୍ମାଣ ଚାଲିଥିବା ବେଳେ ଆଜି ରାସ୍ତା ନବୀକରଣ ଆରମ୍ଭ ହୋଇଛି । ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ରାସ୍ତା ନବୀକରଣର ଶୁଭ ଦେଇଥିଲେ। ରାସ୍ତାର ନବୀକରଣ ନିମନ୍ତେ ୨୦ ଲକ୍ଷ ଟଙ୍କା ମଞ୍ଜୁର କରା ଯାଇଥିବା ବିଧାୟକ ସୂଚନା ଦେଇଥିଲେ । ପୂଜା ପୂର୍ବରୁ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ସେ କହିଥିଲେ । ଜଟଣୀ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷ ଅନନ୍ତ ବେହେରା, ପୂର୍ବତନ ପୌରାଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, କୁଦିଆରୀ ବଜାର ବ୍ୟବସାୟୀ ସଂଘର ସମ୍ପାଦକ ପ୍ରଦୀପ କୁମାର ବଳିୟାରସିଂହ,କାଉନସିଲର ଶଶାଙ୍କ ରାୟ ଓ ପୂର୍ବତନ କାଉନସିଲର ଲୁସେନ ରାୟ,ଭାଲୁ ସାମନ୍ତରାୟ,ବଜାର କମିଟିର ଲୁଫେନ ରାୟ,ମନୋଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

# ଆକଟ କଲେ ପିଲା ଭଲ ମଣିଷ ହେବେ : ବିଧାୟକ

ଜଟଣୀ,୯।୯(ନି.ପ୍ର): ବାପମା’ଙ୍କ ଭଳି ବିଦ୍ୟାଳୟରେ ଶିକ୍ଷକ ମାନେ ପିଲାଙ୍କୁ ଆକଟ କଲେ ପିଲା ଭଲ ମଣିଷ ହେବେ ବୋଲି ହାଟବଜାର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମତବ୍ୟକ୍ତ କରିଥିଲେ । ସେ କହିଲେ,ଲୋକଙ୍କର ମାନସିକତା ପରିବର୍ତନ ହୋଇଛି। ଶିକ୍ଷାନୁଷ୍ଠାନ ପରିସରକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। କିନ୍ତୁ ଘରେ ବାପ ମା’ଙ୍କ ଭଳି ବିଦ୍ୟାଳୟରେ ପାଠପଢ଼ା ବେଳେ ଶିକ୍ଷକ ମାନେ ପିଲାଙ୍କୁ ଆକଟ କଲେ ପିଲା ମାନେ ଭଲ ମଣିଷ ହେବେ ବୋଲି ସେ ମତ ପ୍ରକାଶ କରିଥିଲେ। ଗୁରୁ ହିଁ ସମସ୍ତ ଜ୍ଞାନର ଅଧିକାରୀ । ଗୁରୁଙ୍କ ସାନ୍ନିଧ ପାଇଲେ ଜଣେ ବଡ଼ ମଣିଷ ନ ହେଲେ ବି ଭଲ ମଣିଷ ହୋଇ ପାରିବ ବୋଲି ସେ କହିଥିଲେ। ଆଜି କାଲି ପାଠ ପଢୁଆ ଏବଂ ଭଲ ରୋଜଗାର କରୁଥିବା ପିଲା ମାନେ ବୃଦ୍ଧାବସ୍ଥାରେ ବାପ ମା’ଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଛନ୍ତି । ଏହି ଘଟଣାକୁ ବିଧାୟକ ନାପସନ୍ଦ କରିଥିଲେ । କେବଳ ନିଃସନ୍ତାନ ବୃଦ୍ଧ ଦମ୍ପତିଙ୍କ ପାଇଁ ବୃଦ୍ଧାଶ୍ରମ ଖୋଲା ଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବୃଦ୍ଧାବସ୍ଥାରେ ବାପ ମା’ଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦେଉଥିବା ଉଚ୍ଚ ଶିକ୍ଷିତ ଏବଂ ରୋଜଗାରିଆ ପିଲା ମାନଙ୍କୁ ବିଧାୟକ ସମାଲୋଚନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଧାୟକ ଶ୍ରୀ ବଳବନ୍ତରାୟ ଏକ ନୂତନ ଗୃହ ଉଦ୍‌ଘାଟନ କରିଥିଲେ । ବିଦ୍ୟଳୟର ପ୍ରଥମ ମାଗାଜିନ ’ସମ୍ଭବ’ଉନ୍ମୋଚିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ପୌରାଧକ୍ଷ ଅନନ୍ତ ବେହେରା, ସ୍ଥାନୀୟ କାଉନସିଲର ଜଟାଧାରୀ ପ୍ରଧାନ, ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଟୁଲୁ ଦେଇ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାଜ କିଶୋର ସାହୁ,ପଞ୍ଚସଖା ଶିକ୍ଷାସେତୁ କମିଟିର ଅଧକ୍ଷ ଲିଙ୍ଗରାଜ ଜାଲି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା ସଭା ପରିଚାଳନା କରିଥିଲେ । ବିଦ୍ୟାଳୟ ପରିସରରେ ଏକ ସ୍ଥାୟୀ ମଣ୍ଡପ ନିର୍ମାଣ ନିମନ୍ତେ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରା ଯିବ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ।




## ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବରୁ ଦୂରେଇବା ପାଇଁ ସଚେତନତା

ଭଦ୍ରକ, ୯।୯ (ନିପ୍ର); ଭଦ୍ରକ ଜିଲ୍ଲାରେ ନିଶାଦ୍ରବ୍ୟ, ବିଶେଷକରି ବ୍ରାଉନ୍ ସୁଗାର ଚୋରାଚାଲାଣ ଓ ବ୍ୟବହାରକୁ ରୋକିବା ସହ ଯୁବପିଢ଼ିଙ୍କୁ ନିଶାମୁକ୍ତ ଜୀବନ ପ୍ରତି ଉତ୍ସାହିତ କରିବା ନେଇ ଜିଲ୍ଲାସ୍ତରୀୟ ବୈଠକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଭଦ୍ରକ ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗ ଓ ସଂପୃକ୍ତ ଅନୁଷ୍ଠାନର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକରେ ଜିଲ୍ଲାରେ ବ୍ରାଉନ୍ ସୁଗାର ସମେତ ବିଭିନ୍ନ ନିଶାଦ୍ରବ୍ୟର ଚୋରାଚାଲାଣ, ବିକ୍ରୟ ଓ ବ୍ୟବହାର ଉପରେ ପ୍ରଭାବଶାଳୀ ନିୟନ୍ତ୍ରଣ ପାଇଁ ସମନ୍ୱିତ ପଦକ୍ଷେପ ନେବାକୁ ଏସ୍‌ପି ଶ୍ରୀ ରାଉତ ଗୁରୁତ୍ୱାରୋପ କରିଥିଲେ। ନିଶାଦ୍ରବ୍ୟ ଚୋରାଚାଲାଣର ଉତ୍ସ, ଯୋଗାଣ ଶୃଙ୍ଖଳ ଓ ବିକ୍ରୟ ସ୍ଥାନ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ନେବା ସହ ବିଭିନ୍ନ ବିଭାଗ ମଧ୍ୟରେ ନିୟମିତ ସମନ୍ୱୟ ରଖିବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ମଧ୍ୟରେ କାଉନ୍‌ସେଲିଂ ଓ ନିଶାର କୁପ୍ରଭାବ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଏସ୍‌ପି ପରାମର୍ଶ ଦେଇଥିଲେ। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ରଖିବାରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ।ସେହିପରି ଧାମରା ପୋର୍ଟ କର୍ତ୍ତୃପକ୍ଷଙ୍କୁ ବନ୍ଦର ଅଞ୍ଚଳରେ ନିଶାଦ୍ରବ୍ୟର ଅବୈଧ ପ୍ରବେଶ ଓ ଚୋରାଚାଲାଣ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ସନ୍ଦେହଜନକ ଗତିବିଧି ଉପରେ ନଜର ରଖିବା ଏବଂ ପୁଲିସ ସହ ନିୟମିତ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ନେରେଡି ପ୍ରକଳ୍ପକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

ପାରଳାଖେମୁଣ୍ଡି,୯।୯ (ନିପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ନେତୃତ୍ୱରେ ନେରେଡି ପ୍ରକଳ୍ପ ସମ୍ପର୍କିତ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇନ ରୂପେଶ କୁମାର ପାନିଗ୍ରାହୀ , ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ , ବ୍ରହ୍ମପୁର ଜଳସେଚନ ବିଭାଗର ଅନୁସନ୍ଧାନ ଓ ଯୋଜନା ଶାଖାର ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ଚୌଧୀରି , ଉପ ଜିଲ୍ଲାପାଳ ଅନୁପ ପଣ୍ଡା , ଉଠା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ , ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ତେବେ ବୈଠକରେ ଉଠିଥିବା ଅନେକ ପ୍ରଶ୍ନର ଉତ୍ତର ତତ୍କାଳ ମିଳିନଥିବାରୁ ପ୍ରକୀୟା ଆଗକୁ ବଢ଼ିବା ପୂର୍ବରୁ ଆନ୍ଧ୍ରପ୍ରଦେଶର ସମ୍ପୃକ୍ତ ଅଧିକାରୀଙ୍କ ସହ ପୁଣିଥରେ ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ନେରେଡ଼ି ପ୍ରକଳ୍ପର ଜମି ହସ୍ତାନ୍ତର ସମେତ ବିଭିନ୍ନ ପ୍ରକ୍ରିୟା, ପ୍ରକଳ୍ପର ବୈଷୟିକ ଦିଗ ଓ ଏହାକୁ ନେଇ ସ୍ଥାନୀୟ ପ୍ରଶାସନ ଏବଂ ଲୋକଙ୍କ ମନରେ ଥିବା ସନ୍ଦେହ ଉପରେ ଆଲୋଚନା ହୋଇଥିଲା। ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗକୁ ବଢୁଥିବାରୁ ପ୍ରକଳ୍ପର ପ୍ରକୃତ ପ୍ରଭାବ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଜାଣିବା ଉପରେ ଜନପ୍ରତିନିଧିମାନେ ଗୁରୁତ୍ୱ ଦେଇଥିଲେ। ତେବେ କେବଳ ଆନ୍ଧ୍ର ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦିଷ୍ଟ ତଥ୍ୟ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ଅଜ୍ଞ୍ୟ ଏବଂ ବୈଷୟିକ ଜ୍ଞାନର ଅଭାବ ଥିବା ଭଳି ମନେ ହେଉଥିଲା ତେଣୁ କେବଳ ଆନ୍ଧ୍ର ସରକାରଙ୍କ ତଥ୍ୟକୁ ଆଧାର ନକରି ଏ ସମ୍ପର୍କରେ ସ୍ପଷ୍ଟ ତା ଆଣିବା ପାଇଁ ଓଡିଶା ସରକାର ବିଜ୍ଞ ଅଧିକାରୀଙ୍କୁ ନିଯୁକ୍ତି ଦେଇ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପାଇଁ ଦାବି ହୋଇଛି ।

## ଚମ୍ପୁଆରେ ଥମୁ ନାହିଁ ୨୫ ଟିକିଆ ହାତୀପଲ ଆତଙ୍କ

ଚମ୍ପୁଆ ,୯।୯ (ନିପ୍ର); ଚମ୍ପୁଆ ରେଞ୍ଜ ଅଞ୍ଚଳରେ ପୁଣି ଦେଖିବାକୁ ମିଳିଛି ହାତୀପଲଙ୍କ ଉପଦ୍ରବ। ଏକ ୨୫ ଟିକିଆ ହାତୀପଲ ଗାଁରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ସ୍ଥାନୀୟ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ଗତକାଲି ରାତିରେ ଏହି ହାତୀପଲ ରଜିଆ ଜଙ୍ଗଲରୁ ବାହାରି ଜନବସତି ଆଡ଼କୁ ମୁହାଁଇଥିଲେ। ସେମାନେ ପ୍ରଥମେ କୃଷ୍ଣପୁର ଗାଁରେ ପଶି ବର୍ଷା ମୁଣ୍ଡାଙ୍କ ଘର ଭାଙ୍ଗି ଭିତରେ ସାଇତା ହୋଇ ରହିଥିବା ଧାନ ଓ ଚାଉଳ ଖାଇଯାଇଥିଲେ। ଏହାପରେ ହାତୀପଲ ସେଠାରୁ ଆଗକୁ ବଢ଼ି ବାଟରେ ଥିବା କାଳିକାପ୍ରସାଦ ତାରିଣୀ ମନ୍ଦିରର ପାଚେରୀକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ସେତିକିରେ ସେମାନଙ୍କର ଉପଦ୍ରବ ଅଟକି ନଥିଲା। ଆଜି ସକାଳୁ ଏହି ହାତୀପଲ ବସିରା ଗାଁରେ ପଶି ବ୍ୟାପକ ଧାନ ଫସଲ ଦଳିମକଚି ନଷ୍ଟ କରିଦେଇଛନ୍ତି। ଏହି ଘଟଣା ପରେ କୃଷ୍ଣପୁର, କାଳିକା ପ୍ରସାଦ ଏବଂ ବସିରା ଗାଁର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ ବିଭାଗ ତୁରନ୍ତ ଏହି ହାତୀପଲଙ୍କୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



## ପଲିଥିନ୍ ଓ ପ୍ଲାଷ୍ଟିକ ଜିନିଷ ଉପରେ ଜୋରଦାର୍ ଚଢଉ

ନୟାଗଡ,୯।୯ (ନିପ୍ର): ନୟାଗଡ଼ ମ୍ୟୁନିସିପାଲ୍‌ଟି ତରଫରୁ ନୟାଗଡ଼ ସହରର ବିଭିନ୍ନ ଦୋକାନ ଉପରେ ଜୋରଦାର ଚଢଉ କରାଯାଇ ପ୍ଲାଷ୍ଟିକ ଜିନିଷ ଓ ପଲିଥିନ ଜବତ ହେବା ସହିତ ୧୩,୪୦୦/- ଟଙ୍କା ଜରିମାନା ଆଦାୟ କରାଯାଇଛି। ନୟାଗଡ଼ ସହରରେ ଏପରି ଚଢଉ ଦେଖି ଦୋକାନୀମାନେ ଛାନିଆ ହୋଇପଡିଛନ୍ତି । ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀକରଣ ଦଳର ୧୦ ଜଣିଆ ଟିମ ଚଢଉରେ ସାମିଲ ହୋଇଛନ୍ତି । ସନ୍ଧ୍ୟାସୁଦ୍ଧା ୧୯ କେ.ଜି. ପଲିଥିନ୍ ଓ କିଛି ପ୍ଲାଷ୍ଟିକ ସାମଗ୍ରୀ ଜବତ ହେବା ସହିତ ଜରିମାନା ଆଦାୟ ହୋଇଛି । ଖଣ୍ଡପଡା ରାସ୍ତା, ପି.ଟି.ଏସ୍. ଛକ ସହିତ ପ୍ରାୟ ୩୭ ଟି ଦୋକାନ ଉପରେ ଚଢାଉ କରାଯାଇଛି। ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଚଢଉ ଟିମରେ ସର୍ବ ଶ୍ରୀ ନାରାୟଣ ନାୟକ, ଅଜିତ କୁମାର ମଲ୍ଲିକ, ଦୀପକ କୁମାର ଜେନା, ହଜରତ ଅଲ୍ଲି ଖାଁ, କୁମାର ଚନ୍ଦ୍ର ମିଶ୍ର, ବିଭୁତି ଭୂଷଣ ସାହୁ ଓ ପରିମଳ ସଂସ୍ଥାର କର୍ମଚାରୀମାନେ ସାମିଲ ଥିଲେ । ବର୍ତ୍ତମାନ ଅଧିକାଂଶ ଦୋକାନରେ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଏହା ସମସ୍ତଙ୍କର ଚିନ୍ତାର କାରଣ ପାଲଟିଛି । ପଲିଥିନ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ସହିତ ବିଭିନ୍ନ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଥିବାରୁ ଏପରି ଚଢାଉ କରାଯାଉଛି ବୋଲି ବିଭାଗ ତରଫରୁ କୁହାଯାଇଛି ।



# ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

### ରାସ୍ତା ଓ ସେତୁ ସହ ଶିକ୍ଷା, ଛାତ୍ରାବାସ ଓ ପାନୀୟଜଳ ସମସ୍ୟାର ତ୍ୱରିତ୍ ସମାଧାନ ଉପରେ ଆଲୋଚନା

ରାୟଗଡ଼,୯।୯ (ନିପ୍ର): ରାୟଗଡ଼ ଜିଲ୍ଲା ପରିଷଦର ୮୩ତମ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗ ଅଧୀନରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯିବା ସହ ଶିକ୍ଷା, ରାସ୍ତା ଓ ସେତୁ, ପାନୀୟଜଳ, ଛାତ୍ରାବାସ, ପରିମଳ ଓ ଜନସେବା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି, ବିଧାୟକ ରାୟଗଡ କାଡ୍ରାକା ଆପାଲା ସ୍ୱାମୀ, ବିଧାୟକ ବିଷମକଟକ ନୀଳମାଧବ ହିକକା, ବିଧାୟକ ଗୁଣପୁର ସତ୍ୟଜିତ ଗମାଙ୍ଗୋ, ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ଜନପ୍ରତିନିଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିକାଶ କାର୍ଯ୍ୟର ସ୍ଥିତି ଓ ଭବିଷ୍ୟତ କାର୍ଯ୍ୟଯୋଜନା ଉପରେ ମତବିନିମୟ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ସମୟରେ ଜିଲ୍ଲାରେ ଲୋକଙ୍କୁ ଉନ୍ନତ ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଆବଶ୍ୟକତା ଅନୁଯାୟୀ ସ୍ୱାସ୍ଥ୍ୟ ବିଭାଗରେ ମାନବ ସମ୍ବଳ/କର୍ମଚାରୀ ନିଯୁକ୍ତି ଏବଂ ରୋଗୀଙ୍କୁ ଅନାବଶ୍ୟକ ଭାବେ ଅନ୍ୟ ଜିଲ୍ଲାକୁ ରେଫର ନକରି, ଜିଲ୍ଲା ମଧ୍ୟରେ ସମ୍ଭବ ସମସ୍ତ ଚିକିତ୍ସାସେବା ଯୋଗାଇବା ଉପରେ ଆଲୋଚନା ହୋଇଥିଲା। ଏଥିସହ ଖାଦ୍ୟ ନିରୀକ୍ଷଣ କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ଏବଂ ଜନସାଧାରଣଙ୍କୁ ନିରାପଦ ଓ ଗୁଣାତ୍ମକ ଖାଦ୍ୟ ଯୋଗାଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସର ଉପଲବ୍ଧତା ଓ ତ୍ୱରିତ ପରିବହନ ବ୍ୟବସ୍ଥା ସୁନିଶ୍ଚିତ କରିବା, ଉଏଚଉଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ଏବଂ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆବଶ୍ୟକ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଏହା ସହ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଓ ସମୟୋପଯୋଗୀ କରିବା ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଟିକା ସମୟୋପଯୋଗୀ ଭାବେ ପହଞ୍ଚାଇବା ଓ ବଣ୍ଟନ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ରାୟଗଡ଼ ବିଭାଗ ଅଧୀନରେ ରାସ୍ତା ଓ ସେତୁ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବୈଠକରେ ବିସ୍ତୃତ ତଥ୍ୟ ଉପସ୍ଥାପିତ ହୋଇଥିଲା। ଅଧୀନରେ ମୋଟ ୫୧୧.୫୮୦ କି.ମି. ରାସ୍ତା ରହିଥିବା ବେଳେ ଓ ଅଧୀନରେ ମୋଟ ୪୪୧.୨୦୯ କି.ମି. ରାସ୍ତା ରହିଛି। ବୈଠକରେ ଗୁଣୁପୁର-ପୁଟସିଂ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ, ପାରଳାଖେମୁଣ୍ଡି ବର୍ଡର-ବାଙ୍ଗି ଜଙ୍କସନ ରାସ୍ତାର ୪-ଲେନ୍ କାର୍ଯ୍ୟ, ବିଷମକଟକ-କୁଟ୍ରାଗଡ଼ ରାସ୍ତା ଏବଂ ଡୁକୁମ-ଦୁର୍ଗୀ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଅଗ୍ରଗତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ବିଭାଗର ସମୀକ୍ଷା ସମୟରେ ଆଗାମୀ ବୋର୍ଡ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ସଫଳ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନରେ ଉନ୍ନତି ପାଇଁ ବିଦ୍ୟାଳୟସ୍ତରରେ ଅତିରିକ୍ତ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି। ବିଶେଷକରି ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ଅତିରିକ୍ତ କ୍ଲାସ୍ ଆୟୋଜନ କରାଯାଉଥିବା ନେଇ ବୈଠକରେ ଅବଗତ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନର ଗୁଣବତ୍ତା, ସଚେତନତା ଅଭିଯାନ, ଉଉଞ୍ଚଠ ସ୍ଥାପନ, ଛାତ୍ରାବାସର ସୁରକ୍ଷା ଏବଂ ନିୟମିତ ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପୁରୁଷ ଛାତ୍ରାବାସଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ୱାର୍ଡେନ୍ ନିଯୁକ୍ତି ଉପରେ ମଧ୍ୟ ଆଲୋଚନା ହୋଇଥିଲା।



# ୧୮ ସ୍ଥାନରେ ଇଡି ଚଢ଼ାଉ

**ବେଲଗାଭି, ୯/୯:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ କର୍ଣ୍ଣାଟକ ପୂର୍ବ ବିଭାଗ ମନ୍ତ୍ରୀ ସତୀଶ ଜାରକୀହୋଲି, ତାଙ୍କ ଝିଅ ତଥା ଚିକୋଡି ସାଂସଦ ପ୍ରିୟଙ୍କା ଜାରକୀହୋଲି ଓ ପରିବାର ଲିଙ୍କ୍‌ରେ ଥିବା ୧୮ଟି ସ୍ଥାନ ଉପରେ ବୁଧବାର ଚଢ଼ାଉ କରାଯାଇଛି। ବାର ଲାଇସେନ୍ସ ପ୍ରଦାନରେ ଅନିୟମିତତା ଓ ଅନ୍ୟାନ୍ୟ ବିଭିନ୍ନ ପ୍ରସଙ୍ଗର ତଦନ୍ତ ପରିପ୍ରେକ୍ଷୀରେ ଇଡି ମନ୍ତ୍ରୀଙ୍କ ଲିଙ୍କ୍‌ରେ ଥିବା ପ୍ରାୟ ୧୮ଟି ସ୍ଥାନରେ ତଲାସୀ କରିଥିଲା, ଯେଉଁଥିରେ ବେଙ୍ଗାଲୁରୁର ଡଲାର୍ସ କଲୋନୀରେ ଥିବା ତାଙ୍କ ବାସଭବନ, ବେଲାଗାଭି ଓ ଗୋକାକରେ ଥିବା ସରକାରୀ କ୍ୱାର୍ଟର୍ସ ଓ ସମ୍ପତ୍ତି ଅନ୍ତର୍ଭୁକ୍ତ। କିଛି ସପ୍ତାହ ତଳେ ସତୀଶଙ୍କ ସମ୍ପର୍କୀୟ ଯୁଗ୍ମ ଅବକାରୀ କମିଶନର ୱାଇ ମଞ୍ଜୁନାଥଙ୍କ ସମ୍ପତ୍ତି ଉପରେ ମଧ୍ୟ ଚଢ଼ାଉ କରାଯାଇଥିଲା। ବୁଧବାର ଭୋରରୁ ସତୀଶ ଓ ଝିଅ ପ୍ରିୟଙ୍କା ଜାରକୀହୋଲିଙ୍କ ସହିତ ଜଡିତ ଘର ଓ ପରିବାର ସହିତ ଜଡିତ ସମ୍ପତ୍ତି ସହିତ ମହାରାଷ୍ଟ୍ରରେ ଥିବା ସମ୍ପର୍କୀୟଙ୍କ ଉପରେ ମଧ୍ୟ ଚଢ଼ାଉ କରାଯାଇଥିଲା। ଇଡିର ଏହି କାର୍ଯ୍ୟାନୁଷ୍ଠାନ କର୍ଣ୍ଣାଟକ ଅବକାରୀ ବିଭାଗରେ କଥିତ ଦୁର୍ନୀତିର ତଦନ୍ତ ସହିତ ଜଡିତ ବୋଲି ଜଣାପଡ଼ିଛି, ଯେଉଁଥିରେ ୧୮ଟି ବାର ଲାଇସେନ୍ସ ପ୍ରଦାନ ଓ ଅବୈଧ ପାଣ୍ଠିର ସନ୍ଦେହଜନକ ଗତିବିଧି ସହିତ ଜଡିତ। ତଦନ୍ତକାରୀମାନେ ଯାଞ୍ଚ କରୁଛନ୍ତି ଯେ, ଜାରକୀହୋଲି ଲାଇସେନ୍ସ ପ୍ରଦାନ କରିବା ପାଇଁ ତାଙ୍କ ପ୍ରଭାବ ବ୍ୟବହାର କରିଥିଲେ କି ନାହିଁ ଏବଂ ଅଭିଯୋଗ ହୋଇଥିବା ଅନିୟମିତତା ମାଧ୍ୟମରେ ସୃଷ୍ଟି ହୋଇଥିବା ପାଣ୍ଠି ପରବର୍ତ୍ତୀ ସମୟରେ ବିଦେଶକୁ ସ୍ଥାନାନ୍ତରିତ କିମ୍ବା ବିନିଯୋଗ କରାଯାଇଥିଲା କି ନାହିଁ। ମଞ୍ଜୁନାଥଙ୍କ ସମ୍ପତ୍ତି ଉପରେ କରାଯାଇଥିବା ଚଢାଉର ପୂର୍ବ ତଦନ୍ତ ସମୟରେ, ଏଜେନ୍ସି ନଗଦ, ସୁନା ଓ ବିଦେଶୀ ମୁଦ୍ରା ଚିହ୍ନଟ କରିଥିବା ଜଣାପଡ଼ିଛି, ଯେଉଁଥିରେ ପ୍ରାୟ ୩ କୋଟି ଟଙ୍କାର ସନ୍ଦେହଜନକ ଅବୈଧ ବିଦେଶୀ ପାଣ୍ଠି ମଧ୍ୟ ଯାଞ୍ଚ ଅଧୀନରେ ରହିଛି। ଇଡି ଅଧିକାରୀମାନେ ଅଭିଯୋଗ ହୋଇଥିବା ଟଙ୍କା କାରବାରର ସନ୍ଧାନ କରିବା ଓ ମାମଲା ସହିତ ଜଡିତ ବ୍ୟକ୍ତିବିଶେଷଙ୍କ ଭୂମିକା ସ୍ଥାପନ କରିବା ପାଇଁ ଡକ୍ୟୁମେଣ୍ଟ, ଆର୍ଥିକ ରେକର୍ଡ ଓ ଇଲେକ୍ଟ୍ରୋନିକ୍ ତଥ୍ୟ ଯାଞ୍ଚ କରୁଥିବା ଜଣାପଡିଛି। ସୂତ୍ର ଅନୁସାରେ, ମନ୍ତ୍ରୀଙ୍କ ଘନିଷ୍ଠ ସହଯୋଗୀଙ୍କ ସମେତ ଗୋକାକରେ ରାଜୁ ଦାରାଗସେଟ୍ଟି, ଡକ୍ଟର ଗିରିଶ ସୋନୱାଲକର ଓ ବେଲାଗାଭିରେ ଭିଟ୍ଠଲ ପରସନ୍ନନଭରଙ୍କ ଘରେ ମଧ୍ୟ ଇଡି ଚଢାଉ କରିଥିବା ଜଣାପଡ଼ିଛି।

# ଚୀନ୍ ଏଆଇ ଫାର୍ମଗୁଡ଼ିକ ଆମେରିକୀୟଙ୍କଠାରୁ ମଡେଲ ଚୋରି କରୁଛନ୍ତି: ୱାସିଂଟନ



ବୁଦ୍ଧିମତ୍ତା କମ୍ପାନିଗୁଡ଼ିକ ଆମେରିକୀୟ କମ୍ପାନିଗୁଡ଼ିକର ମଡେଲର ମାଲିକାନା କାର୍ଯ୍ୟକାରିତା ଏବଂ କ୍ଷମତାଗୁଡ଼ିକର ପଦ୍ଧତିଗତ ପ୍ରକ୍ରିୟାକୁ ଚୋରି କରୁଥିବା ଅଭିଯୋଗ

**ୱାସିଂଟନ,୯/୯** ଡିପସିକ୍ ଏବଂ ମୁନସଟ୍ ଏଆଇ ସମେତ ଚୀନ୍‌ର ଶୀର୍ଷ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରୟୋଗଶାଳାଗୁଡ଼ିକ ଆମେରିକୀୟ ମଡେଲଗୁଡ଼ିକର କ୍ଷମତାକୁ କ୍ରମାଗତ ଭାବରେ ଚୋରି କରୁଛନ୍ତି ବୋଲି ୱାସିଂଟନ ଅଭିଯୋଗ କରିଛି। ଦୁଇ ଦେଶ ଟେକ୍ ସର୍ବୋଚ୍ଚତା ପାଇଁ ପ୍ରତିଯୋଗିତା କରୁଥିବାବେଳେ ଏଭଳି କାର୍ଯ୍ୟ ନିନ୍ଦନୀୟ ବୋଲି ଆମେରିକା କହିଛି। ଚଳିତ ମାସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ଚୀନ୍ ପ୍ରତିପକ୍ଷ ସି ଜିନପିଙ୍ଗଙ୍କ ମଧ୍ୟରେ ହ୍ୱାଇଟ୍ ହାଉସରେ ହେବାକୁ ଥିବା ଏକ ବୈଠକ ପୂର୍ବରୁ ଆମେରିକାର ସାଇବର ପ୍ରତିରକ୍ଷା ଏଜେନ୍ସିର ଏଭଳି ରିପୋର୍ଟ ପ୍ରକାଶ ପାଇଛି। ଦୁଇନେତା ଏଆଇ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି। ଚୀନ୍-ଭିତ୍ତିକ କୃତ୍ରିମ ହୋଇଛି। ୱାସିଂଟନ କହିଛି ଯେ, ଚୀନ୍ ଫାର୍ମଗୁଡ଼ିକ ଆମେରିକୀୟ ସିଷ୍ଟମଗୁଡ଼ିକୁ ଅବୈଧ ଭାବରେ ନକଲ କରି ଏହାକୁ ବ୍ୟାପକ ପରିମାଣରେ ନିୟୋଜିତ କରିଛନ୍ତି। ଡିପସିକ୍, ମୁନସଟ୍ ଏଆଇ, ଆଲିବାବା, ମିନିମ୍ୟାକ୍ସ, ଷ୍ଟେପଫନ୍ ଏବଂ ଜେଡ୍.ଏଆଇ ଭଳି ଚୀନ୍ କମ୍ପାନି ଓପନଏଆଇ, ଆନଥ୍ରୋପିକ୍, ଗୁଗୁଲ୍ ଏବଂ ଏକ୍ସଏଆଇ ଭଳି ଆମେରିକୀୟ ମଡେଲଗୁଡ଼ିକର କ୍ଷମତା ଚୋରି କରିଥିବା ଅଭିଯୋଗ ହୋଇଛି। ଚୀନ୍ ସରକାରଙ୍କ ଜାଣତରେ ଏହି ପଦକ୍ଷେପଗୁଡ଼ିକ ୨୦୨୪ ଶେଷ ପରଠାରୁ ନିଆଯାଇଛି ବୋଲି ଅଭିଯୋଗ ହୋଇଛି। ଚୀନ୍ ଏଆଇ ମଡେଲର ବୃଦ୍ଧି ପାଉଥିବା ସଫଳତା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପରେ ଅଛନ୍ତି। ଏପରିସ୍ଥଳେ ଏହି ରିପୋର୍ଟ ଆମେରିକାର ଚିନ୍ତା ବଢ଼ାଇ ଦେଇଛି।

# ୮୦ ବର୍ଷ ପରେ ଜର୍ମାନୀରେ ଫେରିବ କି ହିଟଲର ଶାସନ ?




**ବର୍ଲିନ୍, ୯/୯** ଦ୍ୱିତୀୟ ବିଶ୍ୱଯୁଦ୍ଧରେ ନାଜି ଏକଛତ୍ରବାଦର ପତନର ଆଠ ଦଶନ୍ଧି ପରେ, ହିଟଲରଙ୍କ ଚିନ୍ତାଧାରା ଜର୍ମାନୀରେ ପୁନରାବୃତ୍ତି ହେବାକୁ ଯାଉଛି। ଜର୍ମାନୀ ଏକ ଏପରି ମୋଡ଼ରେ ପହଞ୍ଚିଛି ଯାହା ସମଗ୍ର ୟୁରୋପର ନିଦ ହଜାଇ ଦେଇଛି। ଦେଶର ପୂର୍ବ ରାଜ୍ୟରେ ହୋଇଥିବା ନିର୍ବାଚନରେ, ଦକ୍ଷିଣପନ୍ଥୀ ଦଳ ଅଲଟରନେଟିଭ୍ ଫର୍ ଜର୍ମାନୀ (ଏଏଫଡି) ପ୍ରଥମ ଥର ପାଇଁ ସରକାର ଗଠନ କରିବାକୁ ଯାଉଛି। ୧୯୪୫ ମସହା ପରେ ପ୍ରଥମ ଥର ମୌଳବାଦୀ ଏବଂ ପ୍ରବାସୀ ବିରୋଧୀ ଚିନ୍ତାଧାରା ଥିବା ଏକ ଦଳ ରାଜ୍ୟକୁ ନିୟନ୍ତ୍ରଣ କରିବାକୁ ଯାଉଛି। ଏହି ଐତିହାସିକ ନିର୍ବାଚନୀ ପରିବର୍ତ୍ତନ ଜର୍ମାନ ସମାଜରେ ଗଭୀର ବିଭାଜନ ସୃଷ୍ଟି କରିଛି। ଗୋଟିଏ ପଟେ, ଏଏଫଡିର ଉତ୍ଥାନକୁ ଜର୍ମାନ ରାଜନୀତିରେ ଅତୀତର ଅନ୍ଧାର ପୃଷ୍ଠା ପୁନର୍ବାର ଖୋଲିବା ଭାବରେ ଦେଖାଯାଉଛି। ଅନ୍ୟପଟେ, ଲକ୍ଷ ଲକ୍ଷ ନାଗରିକ 'ନେଭର ଏଗେନ୍' ଅର୍ଥାତ୍ ପୁଣି ଥରେ କେବେ ନୁହେଁ ସ୍ଲୋଗାନ ଦେଇ ବର୍ଲିନ୍, ମ୍ୟୁନିଚ୍ ଏବଂ ଡ୍ରେସଡେନର ରାସ୍ତାରେ ପ୍ରତିବାଦ କରିଛନ୍ତି। ଜର୍ମାନ ନାଗରିକଙ୍କ ମଧ୍ୟରେ ହିଟଲରଙ୍କ ସମୟର ଭୟଙ୍କର ସ୍ମୃତି ପୁଣି ଥରେ ଉଭା ହେଉଛି। ୟୁରୋପ ଭୟ କରୁଛି ଯେ, ଜର୍ମାନୀରେ ଜଣେ ନୂତନ ହିଟଲରଙ୍କ ଉଦୟ ହୋଇପାରେ। ଗଣତନ୍ତ୍ର ପ୍ରତି ଏହି ନୂତନ ବିପଦ ବିଶ୍ୱବ୍ୟାପୀ ଚିନ୍ତାନାୟକମାନଙ୍କୁ ଏବଂ ଇୟୁ ମଧ୍ୟରେ ରଣନୀତିଜ୍ଞମାନଙ୍କୁ ଚିନ୍ତିତ କରିଛି। ଏଏଫଡିର ବିଜୟ ପରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ବର୍ଲିନ୍ ଏବଂ ମେକଲେନବର୍ଗ-ପଶ୍ଚିମ ପୋମେରାନିଆରେ ହେବାକୁ ଥିବା ଆଗାମୀ ନିର୍ବାଚନରେ ଏଏଫଡି ଦଳ ଆହୁରି ଅଧିକ ସ୍ଥାନ ପାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ସାକ୍ସନି-ଆନହାଲ୍ଟରେ ହୋଇଥିବା ନିର୍ବାଚନରେ ଏଏଫଡିର ବିଜୟ ପରେ ଏହି ପ୍ରତିବାଦ ପ୍ରଦର୍ଶନ କରାଯାଇଛି, ଯେଉଁଠାରେ ଦଳ ପ୍ରାୟ ୪୪% ଭୋଟ ଏବଂ ରାଜ୍ୟ ବିଧାନସଭାର ୮୩ ଆସନରୁ ୩୯ ଆସନ ପାଇଛି। ଦଳ ଏକୁଟିଆ ସରକାର ଗଠନ କରିବା ପାଇଁ ବହୁମତ ହାସଲ କରିପାରିନାହିଁ। ଏହା ଅନ୍ୟ ଦଳର ନେତାଙ୍କଠାରୁ ସମର୍ଥନ ଲୋଡୁଛି। ଯଦି ଏହା ଘଟେ, ତେବେ ଏହା ନ୍ୟାସନାଲ୍ ସୋସିଆଲିଷ୍ଟ ଜର୍ମାନ ୱାର୍କର୍ସ ପାର୍ଟି (ଏନଏସଡିଏପି) କିମ୍ବା ନାଜି ପାର୍ଟିର ଶାସନ ପରେ ଜର୍ମାନୀରେ ପ୍ରଥମ ଦକ୍ଷିଣପନ୍ଥୀ ସରକାର ଗଠନ ହେବ।

### ସମ୍ପତ୍ତି ପାଇଁ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ପୁଅକୁ ବିଚାରପତିଙ୍କ ପରାମର୍ଶ

# ବାପା-ମା'ଙ୍କ ପାଖକୁ ଯାଅ, ପାଦ ଛୁଇଁ କ୍ଷମା ପ୍ରାର୍ଥନା କର



**ନୂଆଦିଲ୍ଲୀ, ୯/୯:** ସୁପ୍ରିମକୋର୍ଟରେ ଏକ ସମ୍ପତ୍ତି ବିବାଦ ମାମଲାରେ ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା, ଯେତେବେଳେ ଆଇନଗତ ଜଟିଳତା ବ୍ୟତୀତ କୋର୍ଟ ଜଣେ ପୁଅକୁ ତାଙ୍କ ମୂଲ୍ୟବୋଧ ବିଷୟରେ ମନେ ପକାଇ ଦେଇଥିଲେ। ତାଙ୍କ ପିତାମାତାଙ୍କ ଘର ଦାବି କରିବା ପାଇଁ ପୁଅର ଆବେଦନକୁ ଖାରଜ କରି, ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏକ ସ୍ପଷ୍ଟ ଚେତାବନୀ ଦେଇଥିଲେ, ଆଉ କହିଥିଲେ,'କୋର୍ଟ କାର୍ଯ୍ୟ ବନ୍ଦ କରନ୍ତୁ ଏବଂ ଆପଣଙ୍କ ମା'ଙ୍କ ପାଖକୁ ଯାଆନ୍ତୁ, ତାଙ୍କ ପାଦ ସ୍ପର୍ଶ କରନ୍ତୁ, କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ତାଙ୍କ ଆଶୀର୍ବାଦ ନିଅନ୍ତୁ।' ବିବାଦଟି ମା' ଏବଂ ବାପାଙ୍କ ଏକମାତ୍ର ମାଲିକ ଭାବରେ ମାଲିକାନା ଥିବା ଏକ ସମ୍ପତ୍ତି ସହିତ ଜଡିତ ଥିଲା। ପିତାମାତା ସ୍ନେହ ଯୋଗୁଁ, ସେମାନଙ୍କ ପୁଅ ଏବଂ ବୋହୂଙ୍କୁ ସମ୍ପତ୍ତିର ପ୍ରଥମ ମହଲାରେ ରହିବାକୁ ଅନୁମତି ଦେଇଥିଲେ। ପୁଅ ଏବଂ ବୋହୂଙ୍କୁ କୌଣସି ଭଡ଼ା ଦେବାକୁ ପଡ଼ିନଥିଲା। ଆଇନଗତ ଭାବରେ, ଏହି ବ୍ୟବସ୍ଥା ଏକ ଲାଇସେନ୍ସ ଉପରେ ଆଧାରିତ ଥିଲା, ଅର୍ଥାତ୍ ପୁଅ ଏବଂ ବୋହୂ କେବଳ ପିତାମାତାଙ୍କ ଅନୁମତି ନେଇ ସେଠାରେ ରହିବାକୁ ଅନୁମତି ପାଇଥିଲେ। ଏହି ଆଧାରରେ ସେମାନେ ମାଲିକାନା ଅଧିକାର ପାଇ ନଥିଲେ। ପିତାମାତା ଅଭିଯୋଗ କରିଛନ୍ତି ଯେ କିଛି ସମୟ ପରେ, ପୁଅ ଏବଂ ତାଙ୍କ ସ୍ତ୍ରୀ ସେମାନଙ୍କୁ ହଇରାଣ କରିବା ଏବଂ ସମ୍ପତ୍ତିକୁ ସେମାନଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ଚାପ ପକାଇବା ଆରମ୍ଭ କରିଥିଲେ। ଏହା ବ୍ୟତୀତ, ପୁଅ ଏବଂ ତାଙ୍କ ସ୍ତ୍ରୀ ମଧ୍ୟ ଜାଲ କାଗଜପତ୍ର ଆଧାରରେ ସମ୍ପତ୍ତିର ମାଲିକାନା ଦାବି କରିଥିଲେ। କ୍ରୋଧିତ ପିତାମାତା ଖବରକାଗଜରେ ଏକ ସାର୍ବଜନୀନ ନୋଟିସ ପ୍ରକାଶ କରି ସେମାନଙ୍କ ପୁଅ ଏବଂ ବୋହୂ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିବାର ଘୋଷଣା କରିଥିଲେ। ସେମାନେ ସେମାନଙ୍କ ପୁଅ ବିରୁଦ୍ଧରେ ଏକ ଏଫଆଇଆର ଦାୟର କରିଥିଲେ ଏବଂ ସେମାନଙ୍କ ପୁଅ ଏବଂ ବୋହୂଙ୍କୁ ଏକ ନୋଟିସ ପଠାଇଥିଲେ, ସମ୍ପତ୍ତିରେ ରହିବାର ଅନୁମତିକୁ ପ୍ରତ୍ୟାହାର କରିଥିଲେ। ଯେତେବେଳେ ପୁଅ ଏବଂ ବୋହୂ ସମ୍ପତ୍ତି ଖାଲି କରିନଥିଲେ, ସେତେବେଳେ ପିତାମାତା ପୁନର୍ବାର ଅଧିକାର ଏବଂ କ୍ଷତିପୂରଣ ପାଇଁ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ନିମ୍ନ ଅଦାଲତ ପିତାମାତାଙ୍କ ସପକ୍ଷରେ ରାୟ ଦେଇଥିଲେ, କହିଥିଲେ ଯେ ପିତାମାତା ହିଁ ସମ୍ପତ୍ତିର ଏକମାତ୍ର ମାଲିକ। ପୁଅ ଏବଂ ବୋହୂଙ୍କୁ କେବଳ ଲାଇସେନ୍ସଧାରୀ ଭାବରେ ସେଠାରେ ରହିବାକୁ ଅନୁମତି ଦିଆଯାଇଥିଲା। ସେମାନଙ୍କୁ ସମ୍ପତ୍ତିର କୌଣସି ମାଲିକାନା ଅଧିକାର ମିଳିନଥିଲା। ତେଣୁ, ଲାଇସେନ୍ସ ସମାପ୍ତ ହେବା ପରେ, ପୁଅ ଏବଂ ବୋହୂଙ୍କୁ ପ୍ରଥମ ମହଲା ଖାଲି କରିବାକୁ ପଡିବ। ପୁଅ ଦିଲ୍ଲୀ ହାଇକୋର୍ଟରେ ଟ୍ରାଏଲ୍ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଛି।

### କର୍ଣ୍ଣାଟକରେ ସିଦ୍ଧରମୈୟାଙ୍କ ୭୫% ସଂରକ୍ଷଣ ଦାବି

# ନିଜ ଜାଲରେ ଫସିଲା କଂଗ୍ରେସ



**ନୂଆଦିଲ୍ଲୀ, ୯/୯:** ଜାତିଗତ ଜନଗଣନାକୁ ନେଇ ବିଜେପି ନେତୃତ୍ୱାଧୀନ କେନ୍ଦ୍ରକୁ ଘେରିବାରେ ଲାଗିଥିବା କଂଗ୍ରେସ ଏବେ କର୍ଣ୍ଣାଟକରେ ନିଜେ ଅଡୁଆରେ ପଡ଼ିଛି। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ରାଜ୍ୟରେ ଜାତିଗତ ସର୍ଭେ ରିପୋର୍ଟ ଲାଗୁ କରିବା ସହ ଦଳିତ, ପଛୁଆ ବର୍ଗ ଓ ସଂଖ୍ୟାଲଘୁଙ୍କ ପାଇଁ ସଂରକ୍ଷଣ ୭୫ ପ୍ରତିଶତକୁ ବଢ଼ାଇବାକୁ ଦାବି କରିଛନ୍ତି। ତାଙ୍କର ଏହି ଦାବି କଂଗ୍ରେସର ଜାତିଗତ ଜନଗଣନା ରାଜନୀତିକୁ ନୂଆ ଚ୍ୟାଲେଞ୍ଜ ଦେଇଛି। ସେପ୍ଟେମ୍ବର ୬ରେ ବେଙ୍ଗାଲୁରୁରେ କର୍ଣ୍ଣାଟକ ଷ୍ଟେଟ୍ ବ୍ୟାକୱାର୍ଡ କାଷ୍ଟ୍‌ସ ଫେଡେରେସନ୍‌ର ରଜତ ଜୟନ୍ତୀ ଉତ୍ସବରେ ଯୋଗଦେଇ ସିଦ୍ଧରମୈୟା ଏହି ଦାବି କରିଥିଲେ। ସାମାଜିକ ନ୍ୟାୟ ପାଇଁ ପ୍ରତ୍ୟେକ ସମୁଦାୟର ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ମିଳିବା ଆବଶ୍ୟକ ବୋଲି ସେ କହିଥିଲେ। ଦଳିତ, ପଛୁଆ ବର୍ଗ ଓ ସଂଖ୍ୟାଲଘୁଙ୍କୁ ମିଶାଇ ଅତିକମ୍‌ରେ ୭୫ ପ୍ରତିଶତ ସଂରକ୍ଷଣ ଦିଆଯିବା ଉଚିତ ବୋଲି ସେ ଯୁକ୍ତି ରଖିଥିଲେ। ଏହା ସହ ଲୋକସଭା ଓ ରାଜ୍ୟ ବିଧାନସଭାରେ ମଧ୍ୟ ଜନସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ମିଳିବା ଦରକାର ବୋଲି ସେ କହିଥିଲେ। କଂଗ୍ରେସ ଜାତିଗତ ଜନଗଣନାକୁ ଜାତୀୟ ପ୍ରସଙ୍ଗ କରି ବିଜେପିକୁ ଘେରୁଛି। ୨୦୨୭ ଜନଗଣନାରେ ଅନୁସୂଚିତ ଜାତି ଓ ଜନଜାତି ବ୍ୟତୀତ ଅନ୍ୟ ଜାତିଗୁଡ଼ିକର ଗଣନା କରାଯିବାକୁ ନେଇ ମଧ୍ୟ ଦଳ ଦାବି ରଖିଛି। ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ନେତାମାନେ ଜାତିର ପ୍ରକୃତ ସଂଖ୍ୟା ଜଣାଗଲେ ହିଁ ପ୍ରତିନିଧିତ୍ୱ, ସଂରକ୍ଷଣ ଓ ସରକାରୀ ସମ୍ବଳ ବଣ୍ଟନରେ ନ୍ୟାୟ ହୋଇପାରିବ ବୋଲି ଯୁକ୍ତି ଦେଉଛନ୍ତି। କିନ୍ତୁ କର୍ଣ୍ଣାଟକରେ ସମସ୍ୟା ହେଉଛି, ସେଠାରେ ଜାତିଗତ ସର୍ଭେ ଆଗରୁ ହୋଇସାରିଛି। ଏହାର ରିପୋର୍ଟ ମଧ୍ୟ ପ୍ରସ୍ତୁତ ଅଛି। ୨୦୧୫ରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ଥିବାବେଳେ ଏହି ସର୍ଭେ ଆରମ୍ଭ ହୋଇଥିଲା। ପରେ ଏହାକୁ ନେଇ ଲିଙ୍ଗାୟତ ଓ ଭୋକ୍କାଲିଗା ଭଳି ପ୍ରଭାବଶାଳୀ ସମୁଦାୟଙ୍କ ଆପତ୍ତି ରହିଥିଲା। ରିପୋର୍ଟକୁ ନେଇ ଆଇନଗତ ବିବାଦ ମଧ୍ୟ ଚାଲିଛି। ସିଦ୍ଧରମୈୟାଙ୍କ ଦାବି କଂଗ୍ରେସ ପାଇଁ ତେଣୁ ଦୁଇପଟୁ ସମସ୍ୟା ସୃଷ୍ଟି କରିଛି। ଜାତିଗତ ତଥ୍ୟ ସାମାଜିକ ନ୍ୟାୟ ପାଇଁ ଜରୁରୀ ବୋଲି ଦଳ ଜାତୀୟ ସ୍ତରରେ କହୁଛି। କିନ୍ତୁ କର୍ଣ୍ଣାଟକରେ ସେହି ତଥ୍ୟ ଆଧାରରେ ସଂରକ୍ଷଣ ବଦଳାଇଲେ ବିଭିନ୍ନ ପ୍ରଭାବଶାଳୀ ସମୁଦାୟଙ୍କ ମଧ୍ୟରେ ରାଜନୈତିକ ସମୀକରଣ ବଦଳିପାରେ। ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ନେତୃତ୍ୱାଧୀନ ସରକାର ଏହି ଚାପକୁ କିପରି ସମ୍ଭାଳିବ, ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ସିଦ୍ଧରମୈୟାଙ୍କ ଏହି ଦାବି ତାଙ୍କ 'ଅହିନ୍ଦା' ରାଜନୀତିକୁ ମଧ୍ୟ ପୁଣି ଚର୍ଚ୍ଚାକୁ ଆଣିଛି। 'ଅହିନ୍ଦା'ରେ ପଛୁଆ ବର୍ଗ, ଦଳିତ ଓ ସଂଖ୍ୟାଲଘୁ ସମୁଦାୟ ସାମିଲ ଅଛନ୍ତି। ୨୦୨୮ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ସାମାଜିକ ମେଣ୍ଟକୁ ପୁଣି ମଜଭୁତ କରିବା ଉଦ୍ୟମ ଭାବେ ମଧ୍ୟ ତାଙ୍କ ପଦକ୍ଷେପକୁ ଦେଖାଯାଉଛି। ଏବେ କଂଗ୍ରେସ ଜାତିଗତ ଜନଗଣନାକୁ ନେଇ ବିଜେପିକୁ ଯେଉଁ ପ୍ରଶ୍ନ ପଚାରୁଛି, କର୍ଣ୍ଣାଟକରେ ସେହି ପ୍ରଶ୍ନ ନିଜ ଦଳର ସରକାରକୁ ହିଁ ସାମ୍ନା କରିବାକୁ ପଡୁଛି।

# ବିହାରରେ ୮ ନଦୀରେ ଜଳସ୍ତର ବୃଦ୍ଧି

### ୧୪ ଜିଲ୍ଲାରେ ୪୦.୨୧ ନିୟୁତ ଲୋକ ବନ୍ୟା ପ୍ରଭାବିତ



**ନୂଆଦିଲ୍ଲୀ, ୯/୯:** ବିହାରରେ ଗଙ୍ଗା ନଦୀ ସମେତ ୮ଟି ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ରାଜ୍ୟର ୧୪ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଛି। ପ୍ରାୟ ୩୫.୮୯ ଲକ୍ଷ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ଗଙ୍ଗା, କୋଶୀ, ଗଣ୍ଡକ, ବୁଢ଼ୀ ଗଣ୍ଡକ, ପୁନ୍‌ପୁନ୍, ବାଗମତୀ ଓ ଘାଘରା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ସାରଣରେ ମାହି ନଦୀ ଉପରେ ନିର୍ମିତ ବନ୍ଧ ଭାଙ୍ଗିଯିବାରୁ ପରିସ୍ଥିତି ଗମ୍ଭୀର ହୋଇଛି। ଗତ ପାଞ୍ଚ ଦିନ ଧରି ବିହାରରେ ପ୍ରବଳ ବର୍ଷା ହେବା ପରେ ୧୪ଟି ଜିଲ୍ଲାରେ ୪୦.୨୧ ନିୟୁତ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅନେକ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ଅନୁଯାୟୀ, ବନ୍ୟା ୧୪ଟି ଜିଲ୍ଲାର ୮୪ଟି ବ୍ଲକର ୫୧୪ଟି ପଞ୍ଚାୟତକୁ ପ୍ରଭାବିତ କରିଛି। ପ୍ରଭାବିତ ଜିଲ୍ଲାଗୁଡ଼ିକ ହେଉଛି ପାଟନା, ଭୋଜପୁର, ସରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ, ବକ୍ସର, ସମସ୍ତିପୁର, ମୁଙ୍ଗେର, କାଟିହାର, ଲକ୍ଷ୍ମୀସରାଇ, ଖଗରିଆ, ପୂର୍ଣ୍ଣିଆ ଓ ଅରୱାଲ। ପାଣିପାଗ ସେବା କେନ୍ଦ୍ର ଅନୁଯାୟୀ, ସେପ୍ଟେମ୍ବରରେ ରାଜ୍ୟରେ ୭୯.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକଠାରୁ ୩୧ ପ୍ରତିଶତ ଅଧିକ। ଉତ୍ତର ପ୍ରଦେଶରେ ବର୍ଷା ଯୋଗୁଁ ଲଖିମପୁର ଓ ବରେଲିରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରଖାଯାଇଛି। ବାରାଣସୀରେ ପ୍ରି-ପ୍ରାଥମିକ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିବ। ବୁଧବାର ବାରାଣସୀ ଓ ପ୍ରୟାଗରାଜ ସମେତ ୨୩ ଜିଲ୍ଲାକୁ ବର୍ଷା ଆଲର୍ଟ ରହିଛି। ଉତ୍ତରାଖଣ୍ଡରେ ପେ?ଡିରେ ଭୂସ୍ଖଳନ ଯୋଗୁଁ ଘର ଓ ଅନେକ ଦୋକାନରେ ଫାଟ ସୃଷ୍ଟି ହୋଇଛି। ପାହାଡ଼ିଆ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ୟେଲୋ ଆଲର୍ଟ ଜାରି କରାଯାଇଛି।

# ଲାଲକିଲ୍ଲା ବିସ୍ଫୋରଣ: ଉମର-ଉନ-ନବି ମାଷ୍ଟରମାଇଣ୍ଡ, ଏନଆଇଏ ଚାର୍ଜସିଟ୍‌ରେ ଖୁଲାସା




ନୂଆଦିଲ୍ଲୀ, ୯/୯: ଦିଲ୍ଲୀର ଲାଲକିଲ୍ଲା ନିକଟରେ ୨୦୨୫ ନଭେମ୍ବର ୧୦ରେ ଘଟିଥିବା କାର ବିସ୍ଫୋରଣ ଘଟଣାର ତଦନ୍ତରେ ବଡ଼ ଖୁଲାସା କରିଛି ଜାତୀୟ ତଦନ୍ତ ଏଜେନ୍ସି (ଏନଆଇଏ)। ସେପ୍ଟେମ୍ବର ୯ରେ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ଉମର-ଉନ-ନବିଙ୍କୁ ଏହି ଆତଙ୍କୀ ଷଡ଼ଯନ୍ତ୍ରର ମାଷ୍ଟରମାଇଣ୍ଡ ଭାବେ ଚିହ୍ନଟ କରାଯାଇଛି। ଏନଆଇଏ ଚାର୍ଜସିଟ୍‌ରେ ଦର୍ଶାଯାଇଛି ଯେ, ଆକ୍ରମଣରେ ବ୍ୟବହୃତ କାର ଭିତରେ ନବି ଉପସ୍ଥିତ ଥିଲେ। ବିସ୍ଫୋରଣରେ ତାଙ୍କର ମୃତ୍ୟୁ ହୋଇଥିଲା। ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ନବିଙ୍କୁ 'ପିଣ୍ଡା' ନାମରେ ମଧ୍ୟ ଡକାଯାଉଥିଲା। ଏନଆଇଏର ତଦନ୍ତରେ ଆହୁରି ଦାବି କରାଯାଇଛି ଯେ ନବି ଏବଂ ରାହୁଲ ଭଟ୍ ମିଶି ୨୦୨୨ର ପ୍ରାରମ୍ଭରୁ ନିଷ୍କ୍ରିୟ ହୋଇଥିବା ଅନସାର ଘଜୱାତ-ଉଲ-ହିନ୍ଦ ମଡ୍ୟୁଲ୍‌କୁ ପୁନଃ ସକ୍ରିୟ କରିବାକୁ ଉଦ୍ୟମ କରୁଥିଲେ। ତଦନ୍ତକାରୀ ଏଜେନ୍ସି ଏହି ମଡ୍ୟୁଲ୍‌କୁ ଭାରତୀୟ ଉପମହାଦେଶରେ ଅଲ୍-କାଏଦା ସହ ଜଡ଼ିତ ଏକ ପୁନର୍ଗଠିତ ନେଟୱର୍କ ବୋଲି ଦର୍ଶାଇଛି।

# ତେଲେଙ୍ଗାନା ବିଧାନସଭାରୁ ନିଲମ୍ବିତ ହେଲେ ବିଆରଏସର ୧୯ ବିଧାୟକ

**ନୂଆଦିଲ୍ଲୀ, ୯/୯:** ବୁଧବାର ତେଲେଙ୍ଗାନା ବିଧାନସଭାରେ ଲଗାତାର ତୃତୀୟ ଦିନ ପାଇଁ ପ୍ରବଳ ହଙ୍ଗାମା ହୋଇଥିଲା, ଯାହା ଫଳରେ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ୧୯ ଜଣ ବିଆରଏସ ବିଧାୟକଙ୍କୁ ନିଲମ୍ବନ କରାଯାଇଛି। ଏଥିରେ ବରିଷ୍ଠ ନେତା କେ.ଟି. ରାମା ରାଓ ଏବଂ ଟି. ହରିଶ ରାଓ ସାମିଲ ଅଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ଡି. ଶ୍ରୀଧର ବାବୁ ଗୃହ କାର୍ଯ୍ୟକୁ ବାରମ୍ବାର ବାଧା ଦେବା ପାଇଁ ବିରୋଧୀ ସଦସ୍ୟଙ୍କ ବିରୋଧରେ ଏକ ପ୍ରସ୍ତାବ ଆଗତ କରିବା ପରେ ବିଧାନସଭା ବାଚସ୍ପତି ଗଦ୍ଦମ ପ୍ରସାଦ କୁମାର ନିଲମ୍ବନ ଘୋଷଣା କରିଥିଲେ। ବିଧାୟକ ମାନେ 'ଆମେ ନ୍ୟାୟ ଚାହୁଁଛୁ' ସ୍ଲୋଗାନ ଦେଇ ବାଚସ୍ପତିଙ୍କ ପୋଡିୟମ ନିକଟରେ ଏକାଠି ହୋଇଥିଲେ ଏବଂ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଏବଂ ସେମାନଙ୍କ ମହିଳା ବିଧାୟକଙ୍କ ପ୍ରତି ହୋଇଥିବା ବ୍ୟବହାର ଉପରେ ଆଲୋଚନା ଦାବି କରିଥିଲେ। କେଟିଆରଙ୍କ ନେତୃତ୍ୱରେ ବିଆରଏସ ସଦସ୍ୟ ମାନେ ବିଧାନସଭା ବାହାରେ ଦଳର ମହିଳା ବିଧାୟକଙ୍କ ବିରୁଦ୍ଧରେ ପୋଲିସର କଥିତ 'ମନମାନୀ' ଏବଂ କିଛି କଂଗ୍ରେସ ବିଧାୟକଙ୍କ ଦ୍ୱାରା ବିଆରଏସ ସଭାପତି କେ. ଚନ୍ଦ୍ରଶେଖର ରାଓଙ୍କୁ ଦିଆଯାଇଥିବା ହତ୍ୟା ଧମକ ଉପରେ ଆଲୋଚନା ଦାବି କରି ମୁଲତବୀ ପ୍ରସ୍ତାବ ପାଇଁ ନୋଟିସ ଦାଖଲ କରିବା ପରେ ଏହି ନିଲମ୍ବନ କରାଯାଇଥିଲା। ଯଦିଓ ବାଚସ୍ପତି ଏବଂ ଶାସକ ଦଳର ମନ୍ତ୍ରୀମାନେ ବିରୋଧୀ ସଦସ୍ୟ ମାନଙ୍କୁ ସେମାନଙ୍କ ଆସନକୁ ଫେରିବା ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ, ତଥାପି ବିଆରଏସ ବିଧାୟକ ମାନେ ନିଜ ଜିଦ୍ ରେ ଅଟଳ ରହି ଗୃହର କୂଅରୁ ସେମାନଙ୍କର ପ୍ରତିବାଦ ଜାରି ରଖିଥିଲେ, ଯାହା ଫଳରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ନିଲମ୍ବିତ ବିଧାୟକ ମାନଙ୍କ ମଧ୍ୟରେ ଅନିଲ ଯାଦବ, ଜି. ଜଗଦୀଶ ରେଡ୍ଡୀ, ଗାଙ୍ଗୁଲା କମଳାକର, କୌଶିକ ରେଡ୍ଡୀ, କୋଭା ଲକ୍ଷ୍ମୀ, ପି. ସବିତା ଇନ୍ଦ୍ର ରେଡ୍ଡୀ ଏବଂ ଭି. ସୁନିତା ଲକ୍ଷ୍ମ ରେଡ୍ଡୀ ଅନ୍ତର୍ଭୁକ୍ତ।

# ମନ୍ତ୍ରୀ କହିଲେ ଏମଏଲଏଙ୍କୁ ଚପଲରେ ପିଟ !



**ବାଙ୍ଗାଲୋର, ୯/୯:** କର୍ଣ୍ଣାଟକ ସରକାରର ମନ୍ତ୍ରୀ ଏସଏସ ମଲ୍ଲିକାର୍ଜ୍ଜୁନ ଜଣେ ବିଜେପି ବିଧାୟକଙ୍କୁ ଚପଲରେ ମାରିବାକୁ କହି ଏବେ ଅଡୁଆରେ ପଡିଯାଇଛନ୍ତି । ଏହି ଘଟଣାକୁ ନେଇ ସମ୍ପୃକ୍ତ ବିଧାୟକଙ୍କ ସମେତ ରାଜ୍ୟ ବିଜେପି ତୀବ୍ର ପ୍ରତିବାଦ କରିଛି । ଖବର ନେବାରୁ ଜଣାପଡିଛି ସ୍ଥାନୀୟ ହରିହାର ଅଂଚଳର କିଛି କୃଷକ କର୍ଣ୍ଣାଟକ ସରକାରର ମନ୍ତ୍ରୀ ମଲ୍ଲିକାର୍ଜ୍ଜୁନଙ୍କୁ ଭେଟି, ନିକଟସ୍ଥ ଭଦ୍ରା ଡ୍ୟାମ୍‌ରୁ ଚାଷଜମିକୁ ଜଳ ଯୋଗାଣ ପାଇଁ ଦାବି କରିଥିଲେ। ସ୍ଥାନୀୟ ଅଂଚଳର ବିଜେପି ଏମଏଲଏ ବିପି ହରିଶ କହିବାରୁ ସେମାନେ ମନ୍ତ୍ରୀଙ୍କୁ ଭେଟିବାକୁ ଆସିଛନ୍ତି ବୋଲି କହିଥିଲେ । କୃଷକମାନେ ମନ୍ତ୍ରୀଙ୍କୁ ଆହୁରି କହିଥିଲେ, 'ଆମ ଅଂଚଳରେ ଚାଷ ଜମିକୁ ପାଣି ନାହିଁ, ଘରେ ପିଇବାକୁ ପାଣି ନାହିଁ, ଏପରିକି ଶୌଚ ହେବାକୁ ବି ମୁନ୍ଦାଏ ପାଣି ନାହିଁ। ଏକଥା ଆମେ ଆମ ଏମଏଲଏଙ୍କୁ ଜଣାଇବାରୁ ସେ ସିଧା କହିଥିଲେ, ମୋତେ ଏ ବିଷୟରେ କିଛି ନ କହି ତୁମେ ମନ୍ତ୍ରୀଙ୍କୁ କୁହ । ସେ ପାଇଁ ଆମେ ଆପଣଙ୍କୁ କହିବାକୁ ଆସିଛୁ ।' କୃଷକମାନଙ୍କଠାରୁ ଏକଥା ଶୁଣୁ ମନ୍ତ୍ରୀ ରାଗଯାଇ କହିଥିଲେ, 'ସେ ଏମଏଲଏକୁ ଚପଲରେ ପିଟ ।' ମନ୍ତ୍ରୀଙ୍କ ଏପରି ମନ୍ତବ୍ୟ ଚାରିଆଡେ ପ୍ରଚାରିତ ହୋଇଯିବା ପରେ ବିଜେପି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଧାୟକ ଶ୍ରୀ ହରିଶ କହିଛନ୍ତି, 'ସେଠାରେ ଉପସ୍ଥିତ ଜଣେ କୃଷକ ମୋତେ ଏକଥା ଜଣାଇବା ପରେ ମୁଁ ଅତ୍ୟନ୍ତ ମର୍ମାହତ ।

# 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗାନ ବେଳେ ଛିଡ଼ା ହୋଇ ରହିଲେ ଓମର ଅବଦୁଲ୍ଲା, କଂଗ୍ରେସ ପକ୍ଷରୁ ଆପତ୍ତି



**ଶ୍ରୀନଗର,୯/୯:** 'ବନ୍ଦେ ମାତରମ୍' ସମ୍ପୂର୍ଣ୍ଣ ଗାନ କରାଯିବା ସମୟରେ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଛିଡ଼ା ହୋଇ ରହିବାକୁ ନେଇ କଂଗ୍ରେସର ସହଯୋଗୀ ନ୍ୟାସନାଲ କନଫରେନ୍ସ ସହିତ ବିବାଦ ଦେଖାଯାଇଛି। କଂଗ୍ରେସ ନ୍ୟାସନାଲ କନଫରେନ୍ସର ଏହି ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛି ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ କରିବାକୁ ନିବେଦନ କରିଛି। ଶ୍ରୀନଗରରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଓମାର ଅବଦୁଲ୍ଲା ଓ ନ୍ୟାସନାଲ କନଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ପରିବେଷଣ ସମୟରେ ଛିଡ଼ା ହୋଇ ରହିଥିଲେ। ଅବଦୁଲ୍ଲା ଗୀତର ସମସ୍ତ ଛଅଟି ପଦରେ ଛିଡ଼ା ହେବା ପରେ ରାଷ୍ଟ୍ରୀୟ ଗୀତକୁ ନେଇ 'ଇଣ୍ଡି ମେଣ୍ଟ'ରେ ମତଭେଦ ଦେଖାଯାଇଥିବା ଜଣାପଡ଼ିଛି। କଂଗ୍ରେସ ମହାସଚିବ ବେଣୁଗୋପାଳ ଏହି ପ୍ରସଙ୍ଗରେ ମଙ୍ଗଳବାର କହିଥିଲେ ଯେ, କଂଗ୍ରେସର ସହଯୋଗୀ ଦଳମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବିବେକ ଓ ନିର୍ଣ୍ଣୟର ସମ୍ମାନ କରି 'ବନ୍ଦେ ମାତରମ୍'ର କେବଳ ସେହି ସଂସ୍କରଣ ଗାଇବା କଥା ଯାହାକୁ ସେମାନେ ଗ୍ରହଣ କରିଥିଲେ। ବେଣୁଗୋପାଳ ଏହା ମଧ୍ୟ କହିଛନ୍ତି ଯେ, ରାଷ୍ଟ୍ରୀୟ ଗୀତକୁ ସାମ୍ପ୍ରଦାୟିକ ରଙ୍ଗ ନ ଦେବା ପାଇଁ ଭାବିଚିନ୍ତି ନିଆଯାଇଥିବା ଫଇସଲା ଥିଲା ଓ ଆଜି ମଧ୍ୟ ସେ ନେଇ ବିପଦ ରହିଛି। ବେଣୁଗୋପାଳ 'ଏକ୍ସ'ରେ ଏକ ଭିଡିଓ ଜାରି କରି କହିଥିଲେ, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ, ସର୍ଦ୍ଦାର ପଟେଲ, ସୁଭାଷ ଚନ୍ଦ୍ର ବୋଷ, ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ମୌଲାନା ଆଜାଦ, ସରୋଜିନୀ ନାଇଡୁ ଓ ଜେପି କୃପାଳିନୀଙ୍କ ନିଷ୍ପତ୍ତି କଂଗ୍ରେସ ପାଇଁ ସବୁଠୁ ଉର୍ଦ୍ଧ୍ୱରେ। ଏହି ନିର୍ଣ୍ଣୟରେ ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ପରାମର୍ଶ ମଧ୍ୟ ରହିଥିଲା। କଂଗ୍ରେସ ନେତା କହିଛନ୍ତି, ସମ୍ମାନ ଓ ବିନମ୍ରତାର ସହିତ ନିଜ ସହଯୋଗୀଙ୍କୁ ଆମର ସ୍ୱାଧୀନତା ସଂଗ୍ରାମୀଙ୍କ ବୁଦ୍ଧିମତା ଓ ନିର୍ଣ୍ଣୟର ସମ୍ମାନ କରିବାକୁ ଓ ଆମ ସହିତ କେବଳ ସେହି ସଂସ୍କରଣ ପରିବେଷଣ ବେଳେ ଛିଡ଼ା ହେବାକୁ ଅନୁରୋଧ କରୁଛୁ, ଯାହାକୁ କେବଳ ସେମାନେ ଅନୁମୋଦନ କରିଥିଲେ।

# ବିପୁଳ ପରିମାଣର ବେଆଇନ ଗୁଟ୍‌ଖା ଜବତ: ଅଭିଯୁକ୍ତ ଗିରଫ

ବେଲଗୁଣ୍ଠା(ନିପ୍ର): ବେଲଗୁଣ୍ଠା ଥାନା ପୁଲିସ ପକ୍ଷରୁ ଗତ ୮ ତାରିଖ ସନ୍ଧ୍ୟା ୮:୩୦ ମିନିଟ୍‌ରେ ବ୍ଲକିଂ ଡ୍ୟୁଟି ସମୟରେ ବେଆଇନ ଗୁଟଖା ଓ ନିଷିଦ୍ଧ ତମାଖୁ ଚାଲାଣ କରୁଥିବା ଏକ କାରକୁ ଜବତ କରାଯାଇଛି। ଏହି ବେଆଇନ କାରବାରରେ ସଂପୃକ୍ତ ଅଭିଯୁକ୍ତ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ଖଡ଼ିତେଲି ସାହିର ଅଶ୍ୱିନୀ କୁମାର ଗୌଡ଼ (୨୬)ଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ ଭଞ୍ଜନଗର ଏସଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ବେଲଗୁଣ୍ଠା ଥାନାଧିକାରୀ ରେବତୀ ଶବରଙ୍କ ଅଭିଯୋଗ



କ୍ରମେ ୪୯୫/୨୬ରେ ବେଲଗୁଣ୍ଠା ଥାନାରେ ଗୋଟିଏ ମାମଲା ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତାର ଧାରା ୨୭୫/୧୨୩/୩୧୮(୨)/୬୧(୨)/୩୪୬/୩୪୯, ଧାରା ୨୦/୨୪, ଖାଦ୍ୟ ସୁରକ୍ଷା ଆଇନର ଧାରା ୫୯, କପିରାଇଟ୍ ଆକ୍ଟର ଧାରା ୬୩/୬୫ ଏବଂ ଟ୍ରେଡ୍‌ମାର୍କସ ଆକ୍ଟର ଧାରା ୧୦୩/୧୦୪ ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁଲିସ ଚଢ଼ାଉ ବେଳେ ଗୋଟିଏ ଧଳା ରଙ୍ଗର ହୁଣ୍ଡାଇ ଭର୍ନା କାର, 'ମଧୁବନ ୬୦ ସଫଳ' ଗୁଟଖା ଭର୍ତ୍ତି ୧୧ଟି କାର୍ଟନ୍ (୧୧୦୦ ପ୍ୟାକେଟ୍), 'କେପି ବ୍ଲାକ୍ ଲେବୁଲ୍ ପ୍ରିମିୟମ୍' ଜର୍ଦ୍ଦା ଭର୍ତ୍ତି ୧୧ ଟି ପ୍ଲାଷ୍ଟିକ୍ ବ୍ୟାଗ୍ (ମୋଟ ୧୧୨୨ ପ୍ୟାକେଟ୍) ଏବଂ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରିଛି। ବେଲଗୁଣ୍ଠା ଥାନାର ଏସ୍‌ଆଇ. ସୁକାନ୍ତ କୁମାର ପ୍ରଧାନ ଘଟଣାର ତଦନ୍ତ କରୁଥିବା ବେଳେ ଅଞ୍ଚଳରେ ବେଆଇନ ଗୁଟଖା ଓ ନିଷିଦ୍ଧ ତମାଖୁ ଦ୍ରବ୍ୟର ମୁନାଫାଖୋରୀ, ଗଚ୍ଛିତ ଓ ଚୋରା ଚାଲାଣକୁ ରୋକିବା ପାଇଁ ପୁଲିସ ପକ୍ଷରୁ ଆଗାମୀ ଦିନରେ ଏହିପରି କଡ଼ା ଯାଞ୍ଚ ଓ ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ଥାନାଧିକାରୀ ରେବତୀ ଶବର ପ୍ରକାଶ କରିଛନ୍ତି।

### ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

# ପତ୍ନୀ ବିଦ୍ୟାଭାରତୀଙ୍କ ଗିରଫ ଆଶଙ୍କା ବଢ଼ିଲା

କଟକ(ନିପ୍ର): ବହୁ ଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଅଡୁଆ ବଢ଼ିଲା। ତାଙ୍କୁ ଗିରଫ କରାଯିବା ନେଇ ଆଶଙ୍କା ବଢ଼ିଛି। କାରଣ ତାଙ୍କ ଆବେଦନ ବୁଧବାର ହାଇକୋର୍ଟରେ ଖାରଜ ହୋଇଯାଇଛି। ସୌମ୍ୟରଞ୍ଜନ ମୃତ୍ୟୁ ମାମଲାରେ ନିମ୍ନ ଅଦାଲତରେ



ବ୍ୟକ୍ତିଗତ ହାଜିରାରୁ ମୁକ୍ତି ସହିତ ମୋଟ ଦୁଇଟି ଆବେଦନ କରିଥିଲେ ବିଦ୍ୟାଭାରତୀ। ସେପ୍ଟେମ୍ବର ୩ ତାରିଖରେ କୋର୍ଟ ତାଙ୍କ ଆବେଦନ ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ଆଉ ରାୟ ଶୁଣାଇ କୋର୍ଟ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ଗତ ୨୦୨୧ ଜୁଲାଇ ୧୧ ତାରିଖ ରାତିରେ ଏସିଏଫ ସୌମ୍ୟରଞ୍ଜନ ଅତି ସନ୍ଦେହଜନକ ଅବସ୍ଥାରେ ପୋଡ଼ି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ତା' ପରଦିନ ତାଙ୍କର ମୃତ୍ୟୁ ହୋଇଥିଲା। ମାମଲାର ତଦନ୍ତ କରି ପତ୍ନୀ ବିଦ୍ୟାଭାରତୀଙ୍କ ବିରୋଧରେ ଅଗ୍ନି ନିର୍ବାପନରେ ଅବହେଳା ଦଫାରେ ଚାର୍ଜସିଟ ଦାଖଲ କରିବା ସହ ତତ୍କାଳୀନ ଡିଏଫଓ ସଂଗ୍ରାମ କେଶରୀ ବେହେରା ଏବଂ ରୋଷେୟା ମନ୍ମଥ କୁମ୍ଭଙ୍କୁ କ୍ଲିନଚିଟ ଦେଇଥିଲା କ୍ରାଇମବ୍ରାଞ୍ଚ। ଏହାକୁ ଚ୍ୟାଲେଞ୍ଜ କରି ସୌମ୍ୟରଞ୍ଜନଙ୍କ ପରିବାର ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ମାମଲା ଦାଏର କରିଥିଲେ। ଉକ୍ତ ଆବେଦନର ଶୁଣାଣି କରି ଏସଡିଜେଏମ କୋର୍ଟ ପାରଳାଖେମୁଣ୍ଡି, ଏହି ୩ ଜଣଙ୍କ ବିରୋଧରେ ଆଇପିସିର ଦଫା ୩୦୨ (ହତ୍ୟା) ଏବଂ ଆଇପିସି ୧୨୦- ବି (ଅପରାଧିକ ଷଡଯନ୍ତ୍ର ରଚିବା)ରେ ମୋକଦ୍ଦମା ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର ସମନ ସତ୍ତ୍ୱେ ହାଜର ନ ହେବାରୁ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ୨୦୨୩ ମସିହାରେ ଜାମିନ ବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ଯାହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ମାନେ ସାମୟିକ ଆଶ୍ୱସ୍ତି ପାଇଥିଲେ। ତେବେ ଗତ ଜୁଲାଇ ମାସରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ତତ୍କାଳୀନ ଗଜପତି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଆତ୍ମସମର୍ପଣ କରିଥିଲେ। ସେହି ଦିନଠାରୁ ସେ ପାରଳାଖେମୁଣ୍ଡି ଜେଲ୍‌ରେ ଅଛନ୍ତି।

# ତିନି ସନ୍ଦିଗ୍ଧଙ୍କୁ କାବୁକରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଆସିକା(ନିପ୍ର): ଆସିକା ଥାନା ଅନ୍ତର୍ଗତ ସମେଇଗୁଡା ଗ୍ରାମରେ ସନ୍ଦେହଜନକ ଭାବେ ବୁଲୁଥିବା ତିନି ଜଣ ସନ୍ଦିଗ୍ଧଙ୍କୁ ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଏନେଇ ଆସିକା ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ଗୋଟିଏ ବାଇକ ଜବତ କରିବା ସହ ତିନିଜଣଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଗତକାଲି ଆସିକା ବ୍ଲକଓ ଆସିକା ଥାନା ଅଧୀନ ସମେଇଗୁଡ଼ା ଗ୍ରାମରେ ସନ୍ଧ୍ୟା ୫ଘଣ୍ଟ ସମୟରେ ଦୁଇଟି ବାଇକରେ ଛଅ ଜଣ ବେପରୁଆ ଭାବେ ଗାଡି ଚଳାଇ ଆସି ସନ୍ଦେହଜନକ ଭାବେ ଗ୍ରାମରେ ବୁଲିବା ସହ ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସମୟରେ ଗ୍ରାମର ଗଦାଧର ପାତ୍ର (୪୮)ଙ୍କ ସମେତ କିଛି ଗ୍ରାମବାସୀ ସେମାନଙ୍କୁ ଅଟକାଇବାରୁ ଉକ୍ତ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଆମେ ରମେଶ ଜେନାର ପିଲା ଆମର




କିଏ କିଛି କରିପାରିବନି କହିବା ସହ ପାଟିତୁଣ୍ଡ କରିଥିଲେ। ଫଳରେ ଗ୍ରାମବାସୀ ସେମାନଙ୍କୁ ଜୋରଜବରଦସ୍ତ ଅଟକାଇବାରୁ ଘଟଣାସ୍ଥଳରୁ ତିନି ଜଣ ଫେରାର ହୋଇଯାଇଥିଲେ। ଅନ୍ୟ ତିନିଜଣଙ୍କୁ ଗ୍ରାମବାସୀ କାବୁକରି ଆସିକା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀ କାବୁ କରିଥିବା ତିନି ଜଣ ଯୁବକ ସହ ଗୋଟିଏ ବାଇକ ଜବତ କରିଛି। ଏନେଇ ଗଦାଧର ପାତ୍ରଙ୍କ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ଥାନା ପକ୍ଷରୁ କେସ ନମ୍ବର ୫୦୪/୨୬ରେ ପୋଲିସ ମାମଲା ରୁଜୁକରି ପାଟପୁର ଥାନା ଖଲିଙ୍ଗି ଗ୍ରାମର ସନ୍ଦୀପ ବେହେରା(୨୧), ଟୁଲୁ ବେହେରା (୨୮) ଓ ହିଞ୍ଜିଳି କାଟୁ ଥାନା ଆଡପଡା ଗ୍ରାମର ସାଗର ପ୍ରଧାନ (୨୧)ଙ୍କ ସହ ଗୋଟିଏ ବାଇକ ନମ୍ବର ଓଡ଼ି୦୭ଏଟି ୯୩୨୪କୁ ଜବତ କରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରିଛି।

# ଲୁହା ଗ୍ରୀଲରେ ଚାପି ହୋଇ ଯୁବକ ମୃତ

ଭାପୁର(ନିପ୍ର): ଜଣେ ଗୃହ ମାଲିକ ଅସାବଧନବଶତଃ ନିଜ ଘର ଲୁହା ଗ୍ରୀଲରେ ବେକ ଚାପି ହୋଇ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଛି। ଫତେଗଡ଼ ଥାନା କରବର ଗ୍ରାମ ଆଡୁଆସାହିର ସୁବାଷ ମଲ୍ଲିକ(୪୦) ଜଣେ ଭୂମିହୀନ ଗରିବ ଶ୍ରେଣୀର ବ୍ୟକ୍ତି। ସେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ତିନିଦିନ ପୂର୍ବରୁ ଘରକୁ ରାତିରେ ଯିବା ସମୟରେ ଅସାବଧନବଶତଃ ଘର ଲୁହା ଗ୍ରୀଲ ଭିତରେ ବେକ ପଶିଯିବାରୁ ଚିପି ହୋଇ ଶିରାପ୍ରଶିରା ଛିଡି ଯାଇ ଗୁରୁତର ହୋଇଥିଲେ। ପରିବାର ପକ୍ଷରୁ ତାଙ୍କୁ ଭୁବନେଶ୍ୱର ଏମସ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଯାଇଥିବା ବେଳେ ସେଠାରେ ଚିକିତ୍ସିତ ସମୟରେ ତାଙ୍କର ସୋମବାର ରାତିରେ ମୃତ୍ୟୁ ହୋଇଯାଇଛି। ତାଙ୍କର ୩,୫,୯ ଏବଂ ୧୧ ବର୍ଷ ର ଚାରୋଟି କୋମଳମତି ନାବାଳକ ଛୁଆ ଅନାଥ ହୋଇ ଯାଇଛନ୍ତି। ସରକାରୀ ସହାୟତା ହାତ ବଢାଇବାକୁ ଜନସାଧାରଣ ଦାବି କରିଛନ୍ତି।

# ବେଆଇନ ବାଲି ଚୋରାଚାଲାଣ: ୨ ହାଇୱା ଜବତ

ହିଞ୍ଜିଳିକାଟୁ(ନିପ୍ର): ପୁଲିସ ପ୍ରଶାସନ ପକ୍ଷରୁ ରାତି ଅଧିଆ ଚଢାଉ କରାଯାଉଥିଲେ ମଧ ମାଫିଆ ଗୋଷ୍ଠୀ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ଗଳାବାଟ ଦେଇ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ନିତିଦିନିଆ ଘଟଣା ପାଲଟିଛି। ଗୋଟିଏ ପଟେ ବିଭାଗ ପକ୍ଷରୁ ଗତ ଜୁଲାଇ ୧୫ ତାରିଖ ଠାରୁ ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନଦୀ ବାଲିଘାଟରୁ ବାଲି ଉତ୍ତୋଳନ ବନ୍ଦ ରଖିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ମାଫିଆ ଗୋଷ୍ଠୀ ରାତି ଅଧରେ ବିଭିନ୍ନ ନଦୀ ବାଲିଘାଟରୁ ବାଲି ଉତ୍ତୋଳନ କରି ହାଇୱା ଯୋଗେ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି। ବୁଧବାର ଭୋର୍ ସମୟରେ ବେଲଗୁଣ୍ଠା ନିକଟସ୍ଥ ନୂଆଁଗାଁ ଋଷିକୂଲ୍ୟା ନଦୀରୁ ବାଲି ଉତ୍ତୋଳନ କରି ହାଇୱା ଯୋଗେ ବ୍ରହ୍ମପୁର ଅଭିମୁଖେ ପରିବହନ କରାଯାଉଥିଲା। ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ନିର୍ଦ୍ଦେଶରେ ହିଞ୍ଜିଳି ଥାନା ପୁଲିସର ଏକ




ଟିମ୍ ଚଢାଉ କରି ୨ଟି ବାଲି ବୋଝେଇ ହାଇୱା (ଓଡି୦୭ଏଏନ୍ ୦୧୭୧ ଓ ଓଡି୨୩ଏଲ୍ ୨୧୪୬)କୁ ଅଟକାଇ ଟ୍ରାଞ୍ଜିଟ୍ ପାସ୍ ମାଗିଥିଲେ। ବିନା ଟ୍ରାଞ୍ଜିଟ୍ ପାସରେ ବାଲି ଚାଲାଣ ଅଭିଯୋଗରେ ସଂପୃକ୍ତ ୨ଟି ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଏ ନେଇ ହିଞ୍ଜିଳି ଥାନାରେ ୨ଟି ପୃଥକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଆଗାମୀ ଦିନରେ ବେଆଇନ ଭାବେ ବାଲି ଚୋରାଚାଲାଣ କରୁଥିବା ଗାଡିଗୁଡ଼ିକୁ ଜବତ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି କହିଛନ୍ତି। ଚଢ଼ାଉରେ ଥାନା ଏସଆଇ ରଶ୍ମିରଞ୍ଜନ ସାମଲ, ସୁଶାନ୍ତ ନାହାକ, ନରେଶ ପ୍ରଧାନ ଅଂଶ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଖଣି ବିଭାଗୀୟ ଅଧିକାରୀ ମାନେ ନିରବ ସାଜିବା ସହ ଚଢ଼ାଉ କରୁନଥିବାରୁ ମାଫିଆ ଗୋଷ୍ଠୀ ସକ୍ରିୟ ହେବା ସହ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚୋରାଚାଲାଣ କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ହିଞ୍ଜିଳିକାଟୁ ଅଞ୍ଚଳର ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତା ବେଆଇନ ଭାବେ ବାଲି ପରିବହନ ହେଉଥିବା ହାଇୱାଗୁଡିକୁ ଅଟକାଇ ରାଜସ୍ୱ ବିଭାଗ ଓ ଖଣି ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ ଅବଗତ କରୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ମାଫିଆ ଗୋଷ୍ଠୀ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ବାଲି ଚୋରାଚାଲାଣ ଚାଲିଥିବା ନେଇ ହିଞ୍ଜିଳି ବିଜେପି ଯୁବମୋର୍ଚ୍ଚା କର୍ମକର୍ତ୍ତା ମାନେ ଅଭିଯୋଗ କରିଛନ୍ତି।

# ଘରୋଇ କଲେଜ ହଷ୍ଟେଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ: ପରିବାର ଆଣିଲେ ହତ୍ୟା ଅଭିଯୋଗ

କଟକ(ନିପ୍ର): କଲେଜ ହଷ୍ଟେଲରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ। କଟକ ସିଡିଏ ସ୍ଥିତ ଏକ ଘରୋଇ ହଷ୍ଟେଲରୁ ଛାତ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଉଦ୍ଧାର କରି ମେଡିକାଲ ନେବା ପରେ ମେଡିକାଲରେ ମୃତ ଘୋଷଣା କଲେ ଡାକ୍ତର। ମୃତକ ଆଠଗଡ଼ର ଚିନ୍ମୟ ସାହୁ। ସେ +୨ ବିଜ୍ଞାନ ଛାତ୍ର ଥିଲେ। ତେବେ ପୁଅକୁ ମାରି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ ତାଙ୍କ ପୁଅର ଦେହ ଖରପ ଥିବା ନେଇ ରାତି ୧୧ଟାରେ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମାତ୍ର ଏହା ପୂର୍ବରୁ ଗତ ୫ ତାରିଖ ଗୁରୁଦିବସ ଦିନ କଲେଜରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା ଏବଂ ପୁଅକୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିଲା ବୋଲି ଅଭିଯୋଗ କରିଛନ୍ତି ଚିନ୍ମୟଙ୍କ ବାପା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ କଲେଜ କର୍ତ୍ତୃପକ୍ଷ, କର୍ମଚାରୀ ଓ ସହପାଠୀଙ୍କୁ ପଚରାଉଚରା ଜାରି ରଖିଛି। କଲେଜ ପରିସରରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ପୋଷ୍ଟମୋର୍ଟମ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି।

# ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀର ମୃତ୍ୟୁ

ପାଟଣାଗଡ଼: ବଲାଙ୍ଗୀରଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ ଭରୁଆପାଲିରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଏଠାରେ ମଦ୍ୟପ ସ୍ୱାମୀର ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ଶିଶୁକନ୍ୟାକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୁଲିସ କହିଛି, ବେଲପଡ଼ା ବ୍ଲକ ଅନ୍ତର୍ଗତ ଭରୁଆପାଲି ଗ୍ରାମର ଜୟ କିଶନ ବୁଧବାର ଅପରାହ୍ଣରେ ନିଜ ପତ୍ନୀ ସହ ଝଗଡା କରିଥିଲା। ପରେ ଉଭୟଙ୍କ କଳି ଉଗ୍ରରୂପ ନେଇଥିଲା। ଏହି ସମୟରେ ଜୟ କିଶନ ଉତ୍ତ୍ୟକ୍ତ ହୋଇ ନିକଟରେ ଥିବା ଟାଙ୍ଗିଆରେ ରଂଜିତାଙ୍କ ଉପରକୁ ଆକ୍ରମଣ କରିଥିଲା। ଚୋଟ ପରେ ଚୋଟ ମାରିଥିଲା। ଏପରିକି ଶିଶୁକନ୍ୟାକୁ ମଧ ଛାଡ଼ି ନଥିଲା। ଗୁରୁତର ଶିଶୁକନ୍ୟାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ବେଳେ ଜୟ କିଶନ ଫେରାର ମାରୁଥିବା ବେଳେ ପୁଲିସ ପହଞ୍ଚି ସ୍ୱାମୀ ଜୟ କିଶନକୁ ଅଟକ ରଖି ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି।

# ଗୁଛୁରା ହାଇସ୍କୁଲରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ




ଭୁବନେଶ୍ୱର(ନିପ୍ର): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୁଛୁରା ଗ୍ରାମର ଦୀନବନ୍ଧୁ ସରକାରୀ ନୋଡାଲ ହାଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଏକ୍କାଙ୍କ ସଭାପତିତ୍ୱରେ ସ୍ୱଭାବ ତଥା ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଓ ବାନ ମହୋତ୍ସବ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ କୁଚିଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ କରୁଣାକର କିସାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍କୁଲର ଅନ୍ୟତମ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ସହ ଅତିଥି ପରିଚୟକୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅତିଥି ଗଣ ତାଙ୍କ ଭାଷଣରେ ସ୍ୱଭାବ କବିଙ୍କ ସାହିତ୍ୟରେ ପ୍ରକୃତି କିପରି ଜୀବନ୍ତ ହୋଇପଡ଼ିଛି ତାହା ବର୍ଣ୍ଣନା କରିବା ସହ ପ୍ରକୃତି ସୁରକ୍ଷା ପାଇଁ କିପରି ବୃକ୍ଷ ରୋପଣର ଆବଶ୍ୟକତା ରହିଛି ତାହା ବୁଝାଇ ଥିଲେ। ପ୍ରାରମ୍ଭରେ ଅତିଥି ଗଣ କବି ଗଙ୍ଗାଧରଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ, ଦୀପଦାନ ଓ ଧୂପ ପ୍ରଦାନ କରି କବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ରୀ ଗଣ ମେହେର ସଙ୍ଗୀତ ଗାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ଅତିଥିମାନଙ୍କ ସହ ବୃକ୍ଷରୋପଣ କରାଯାଇଥିଲା।

# ୧୫ କେଜି ଗଞ୍ଜେଇ ଜବତ: ଭୋପାଳ ମହିଳା ଗିରଫ

ସୋନପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୋଲିସକୁ ଏକ ସଫଳତା ମିଳିଛି। ଏକ ସୁଟକେସରେ ଗଞ୍ଜେଇ ଭର୍ତ୍ତିକରି ଅଭିନବ ଉପାୟରେ ରାଜ୍ୟ ବାହାରକୁ ଚାଲାଣ କରିବାକୁ ହେଉଥିବା ଏକ ଉଦ୍ୟମକୁ ପୋଲିସ ପଣ୍ଡ କରିଦେଇଛି। ଏହି ଘଟଣାରେ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଡୁଙ୍ଗୁରିପାଲି ଅଞ୍ଚଳରୁ ସୁଟକେସ ଯୋଗେ ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ନେଇ ପୋଲିସକୁ କୌଣସି ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହି ଗୁପ୍ତ ସୂଚନା ଆଧାରରେ ଡୁଙ୍ଗୁରିପାଲି ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ଉକ୍ତ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ସନ୍ଦେହଜନକ ଅବସ୍ଥାରେ ଥିବା ଏକ ସୁଟକେସକୁ ଜବତ କରି ପୋଲିସ ଯାଞ୍ଚ



କରିବାରୁ ସେଥିରୁ ପ୍ୟାକେଟ୍ ଆକାରରେ ଥିବା ପ୍ରାୟ ୧୫ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା। ଏହି ବେଆଇନ ଗଞ୍ଜେଇ ଚାଲାଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ସୁନିତା ପଟେଲ ନାମକ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ମହିଳା ଜଣକ ମଧ୍ୟପ୍ରଦେଶର ଭୋପାଳ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ଏତେ ପରିମାଣର ଗଞ୍ଜେଇ ସେ କେଉଁଠାରୁ ଆଣିଲେ, ଏହାକୁ କେଉଁଠାକୁ ନେଉଥିଲେ ଏବଂ ଏହି ଆନ୍ତଃରାଜ୍ୟ ଚୋରା ଚାଲାଣ ରାକେଟରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ଜମି ଠକେଇ ଅଭିଯୋଗ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଜମି ଠକେଇ କରିବା ଅଭିଯୋଗରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବିଚିତ୍ର ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସୁଦର୍ଶନ ପ୍ରଧାନ ବଡଗଡ ବ୍ରିଟକଲୋନୀ ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତ ବିଚିତ୍ର ନାୟକ ଜଣେ ଜମି ଦଲାଲ। ସେ ସାମପୁର ମୌଜାରେ ଥିବା ୧,୨୦୦ ବର୍ଗଫୁଟ ଜମିକୁ ଭୂଦାନ ଜମି ବୋଲି କହି ଅଭିଯୋଗକାରୀଙ୍କୁ ଜମି କିଣିବା ପାଇଁ ପ୍ରଲୋଭିତ କରିଥିଲେ। ଅଭିଯୁକ୍ତ ବିଚିତ୍ର ନାୟକଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ତାରିଖରେ ମୋଟ ୧,୬୦,୦୦୦ ଟଙ୍କା ତାଙ୍କୁ ଜମିକିଣା ବାବଦକୁ ଦେଇଥିଲେ। କିନ୍ତୁ ଟଙ୍କା ପାଇବା ପରେ ବିଚିତ୍ର ନାୟକ ତାଙ୍କୁ ଆଉ ଜମି ଦେଇନଥିଲେ କିମ୍ବା ଟଙ୍କା ମଧ ଫେରସ୍ତ କରିନଥିଲେ। ବାରମ୍ବାର ଟଙ୍କା ଫେରସ୍ତ ଓ ଜମି ମାଗିବାରୁ ଅଭିଯୁକ୍ତ ବିଚିତ୍ର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଧମକ ଯୋଗୁଁ ଅଭିଯୋଗକାରୀ ନିଜ ଜୀବନ ଓ ସୁରକ୍ଷାକୁ ନେଇ ଭୟଭୀତ ଅବସ୍ଥାରେ ରହିଥିଲେ। ତେଣୁ ସେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ବିଚିତ୍ର ନାୟକଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ବିଚିତ୍ର ନିଜର ଦୋଷ ସ୍ୱୀକାର କରିଥିଲେ। ଗିରଫ ଅଭିଯୁକ୍ତ ବିଚିତ୍ର ନାୟକ ଜଣେ ପେଷାଦାର ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପୂର୍ବରୁ ମଧ ଭରତପୁର ଥାନାରେ ୫ଟି ଠକେଇ ମାମଲା ରହିଛି।

### ଦୁର୍ଘଟଣା ନୁହେଁ, ସୁଚିନ୍ତିତ ହତ୍ୟା ଯୋଜନା

# ଗାଡ଼ି ଚଢ଼ାଇ ମାରିବାକୁ ଅପଚେଷ୍ଟା: ୪ ଗିରଫ

ସୋନପୁର(ନିପ୍ର): ଏକ ସାଧାରଣ ସଡ଼କ ଦୁର୍ଘଟଣା ପଛରେ ଲୁଚି ରହିଥିବା ଏକ ଲୋମହର୍ଷକ ହତ୍ୟା ଷଡ଼ଯନ୍ତ୍ରର ପର୍ଦ୍ଦାଫାସ କରିଛି ବୀରମହାରାଜପୁର ପୋଲିସ। ପାରିବାରିକ ବିବାଦ ଓ ବ୍ୟବସାୟିକ ତିକ୍ତତାକୁ କେନ୍ଦ୍ର କରି ଜଣେ କ୍ୟାଟରିଂ ବ୍ୟବସାୟୀଙ୍କୁ ଯୋଜନାବଦ୍ଧ ଭାବେ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୋଗକାରୀ ଅର୍ଜୁନ ରଥ ଓ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର ନାୟକ ଦୀର୍ଘ ୧୦ ବର୍ଷ ଧରି ମିଳିତ ଭାବେ ବିଭିନ୍ନ ଉତ୍ସବରେ କ୍ୟାଟରିଂ (ଖାଦ୍ୟ ଯୋଗାଣ) ବ୍ୟବସାୟ କରିଆସୁଥିଲେ। ଏଥିରେ ଅର୍ଜୁନ ମୁଖ୍ୟ ରୋଷେୟା ଥିବାବେଳେ ସୁରେନ୍ଦ୍ର ଫାଷ୍ଟଫୁଡ୍ ବିଭାଗ ବୁଝୁଥିଲେ। ତେବେ ୪ ବର୍ଷ ତଳେ ଅର୍ଜୁନଙ୍କ ପୁଅ ଓମ୍ ପ୍ରକାଶ ଓ ସୁରେନ୍ଦ୍ରଙ୍କ ପୁଅ ବିଶ୍ୱନାଥଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଏହି ଶତ୍ରୁତା କାରଣରୁ ଅର୍ଜୁନ ନିଜ କ୍ୟାଟରିଂ ଚୁକ୍ତିରୁ ସୁରେନ୍ଦ୍ରଙ୍କୁ ବାଦ୍ ଦେଇଥିଲେ। ବ୍ୟବସାୟିକ କ୍ଷତି ସହିନପାରି ସୁରେନ୍ଦ୍ର ପ୍ରତିଶୋଧ ପରାୟଣ ହୋଇପଡିଥିଲେ ଏବଂ ଅର୍ଜୁନଙ୍କୁ ହତ୍ୟା କରିବା




ପାଇଁ ସୁଯୋଗ ଖୋଜିବା ସହ ତାଙ୍କ ସମ୍ପର୍କୀୟଙ୍କୁ ଧମକ ଚମକ ଦେଉଥିଲେ। ଅର୍ଜୁନଙ୍କୁ ରାସ୍ତାରୁ ହଟାଇବା ପାଇଁ ସୁରେନ୍ଦ୍ର ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲେ। ଏଥିରେ ସେ ନିଜ ଶଳା ଜୟ କୁମାର ପଣ୍ଡା (ବେଜପାଲି), ଡ୍ରାଇଭର ନୀଳାମ୍ବର କର୍ଣ୍ଣ (ଅନ୍ତପାଲି) ଏବଂ ରମାନନ୍ଦ ପ୍ରଧାନ (ପିପଲକଟା)ଙ୍କୁ ସାମିଲ କରିଥିଲେ। ହତ୍ୟାକାଣ୍ଡକୁ ଏକ ଦୁର୍ଘଟଣାର ରୂପ ଦେବା ପାଇଁ ଯୋଜନା ହୋଇଥିଲା। ପୋଲିସକୁ ଚକମା ଦେବା ଉଦ୍ଦେଶ୍ୟରେ ଗତ ଅଗଷ୍ଟ ୨୭ ତାରିଖରେ ସୁରେନ୍ଦ୍ର ସୋନପୁରର 'ପୁରୋହିତ ମୋବାଇଲ୍ ସପ୍'ରୁ ନିଜ ରୋଷେୟା କୁମୁଦିନୀ ମେହେରଙ୍କ ନାମରେ ଏକ ଜିଓ ସିମ୍ କିଣିବା ସହ ଏକ ନୂଆ ମୋବାଇଲ୍ ବ୍ୟବହାର କରିଥିଲେ। ଯୋଜନା ମୁତାବକ ଗତ ଅଗଷ୍ଟ ୩୧ ତାରିଖରେ ରମାନନ୍ଦ ଉକ୍ତ ନୂଆ ନମ୍ବରରୁ ଗ୍ରାହକ ସାଜି ଅର୍ଜୁନଙ୍କୁ ଫୋନ୍ କରିଥିଲେ। ଏକ ଶୁଦ୍ଧିକ୍ରିୟା ଭୋଜିର କଣ୍ଟ୍ରାକ୍ଟ ଏବଂ ଅଗ୍ରୀମ ଟଙ୍କା ଦେବା ବାହାନାରେ ସେ ଅର୍ଜୁନଙ୍କୁ ବୀରମହାରାଜପୁର ଡାକିଥିଲେ। ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ ଅର୍ଜୁନ ନିଜ ସାଥୀ ସୁଶାନ୍ତ ପାତ୍ରଙ୍କ ସହ ବାଇକରେ ଯାଉଥିବା ବେଳେ, ଅଭିଯୁକ୍ତ ସୁରେନ୍ଦ୍ର ଓ ରମାନନ୍ଦ ଏକ ବାଇକରେ ସେମାନଙ୍କ ପିଛା କରିଥିଲେ। ସେମାନଙ୍କ ପଛରେ ଡ୍ରାଇଭର ନୀଳାମ୍ବର ଏକ ବୋଲେରୋ ପିକଅପ୍ ଭ୍ୟାନ୍ ଯାହାର ନମ୍ବର ଓଡି -୩୧- ଏନ -୮୮୭୯କୁ ଧରି ଆସୁଥିଲେ। ଅର୍ଜୁନ ଓ ସୁଶାନ୍ତ କୁମାର କେଲି ଛକ ନିକଟରେ ପହଞ୍ଚିବା କ୍ଷଣି, ନୀଳାମ୍ବର ଦ୍ରୁତ ଗତିରେ ଗାଡ଼ି ଆଣି ଅର୍ଜୁନଙ୍କ ବାଇକକୁ ପଛପଟୁ ଜୋରରେ ଧକ୍କା ଦେଇଥିଲେ। ଏହି ଘଟଣାରେ ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଅର୍ଜୁନ ଓ ସୁଶାନ୍ତ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ସୋନପୁର ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ବୀରମହାରାଜପୁର ପୋଲିସ ଏହାକୁ ଏକ ସଡ଼କ ଦୁର୍ଘଟଣା ଭାବେ ପଞ୍ଜୀକୃତ କରିଥିଲା। ତେବେ ଘଟଣାର ପାରିପାର୍ଶ୍ୱିକ ସ୍ଥିତି ଓ ପ୍ରମାଣକୁ ଆଧାର କରି ତଦନ୍ତକାରୀ ଅଧିକାରୀ ଇନ୍‌ସପେକ୍ଟର ଯଯାତି କେଶରୀ ସାହୁ ଏହା ଉପରେ ଛାନ୍‌ଭିନ୍ କରିଥିଲେ। ସୁବର୍ଣ୍ଣପୁର ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ତଦନ୍ତରୁ ଏହା ଦୁର୍ଘଟଣା ନୁହେଁ, ବରଂ ଏକ ସୁଚିନ୍ତିତ ହତ୍ୟା ଉଦ୍ୟମ ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ଏକ ସ୍ୱତନ୍ତ୍ର ମାମଲା (ବୀରମହାରାଜପୁର ଥାନା କେସ୍ ନଂ ୨୨୩/୨୬, ଦଫା- ୨୮୧/୧୨୫(କ)/୧୨୫(ଖ) ବିଏନ୍‌ଏସ୍) ରୁଜୁ କରାଯାଇ ୪ ଜଣଯାକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପୋଲିସ ଘଟଣାରେ ବ୍ୟବହୃତ ପିକଅପ୍ ଗାଡ଼ି, ଗୋଟିଏ ସୁପର ସ୍ପ୍ଲେଣ୍ଡର ବାଇକ୍ ଏବଂ ୪ଟି ମୋବାଇଲ୍ ଫୋନ୍ ଜବତ କରିଛି।

# ବାପାର ଛୁରୀ ମାଡ଼ରେ ପୁଅ ମୃତ

ଭଦ୍ରକ: ପାରିବାରିକ କଳହ ଓ ଜମି ବିବାଦ ନେଇ ଭଦ୍ରକରେ ଘଟିଛି ଛାତିଥରା ଘଟଣା। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନିଦା ଗାଁରେ ବାପାର ଛୁରୀ ଆକ୍ରମଣରେ ପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିକାଶ ସାହୁ। ଅଭିଯୁକ୍ତ ବାପା ରବି ସାହୁଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ବୁଧବାର ସକାଳେ ବାପା-ପୁଅଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହାପରେ ରବି ସାହୁ ପ୍ରଥମେ ବୋହୂଙ୍କୁ ଘର ଭିତରେ ବନ୍ଦ କରିଦେଇ ବିକାଶଙ୍କ ଉପରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅବସ୍ଥାରେ ବିକାଶଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ବିକାଶଙ୍କ ପତ୍ନୀ ସ୍ମୃତି ସାହୁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁଯାୟୀ, ଶ୍ୱଶୁର ତାଙ୍କୁ ଓ ସ୍ୱାମୀଙ୍କୁ ସେହି ଘରେ ରହିବାକୁ ଦେବାକୁ ଚାହୁଁନଥିଲେ। ଏନେଇ ପୂର୍ବରୁ ଥାନାରେ ମଧ ବିବାଦ ପହଞ୍ଚିଥିଲା। ସକାଳେ ବିକାଶ କଥା ହେବାକୁ ଯିବାବେଳେ ରବି ସାହୁ ଛୁରୀ ଧରି ବସିଥିଲେ ଏବଂ କିଛି କହିବା ପୂର୍ବରୁ ସିଧାସଳଖ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ସ୍ମୃତିଙ୍କ ହାତରେ ମଧ ଆଘାତ ଲାଗିଥିବା ସେ କହିଛନ୍ତି। ବିକାଶଙ୍କ ମୃତ୍ୟୁ ପରେ ଗାଁରେ ଉତ୍ତେଜନା ଦେଖା ଦେଇଥିଲା। ଶହ ଶହ ଗ୍ରାମବାସୀ ଭଦ୍ରକ ଜିଲ୍ଲା ହସ୍ପିଟାଲ ପରିସରରେ ଭିଡ଼ ଜମାଇଥିବାରୁ ପରିସ୍ଥିତି ତୀବ୍ର ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିବାବେଳେ ଜମି ବିବାଦ, ପାରିବାରିକ କଳହ ଓ ହତ୍ୟାର ପ୍ରକୃତ କାରଣକୁ ନେଇ ତଦନ୍ତ ଜାରି ରଖିଛି।

